ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.237 Bhubaneswar Tuesday October 31 2023 | ୨୬ତମ ବର୍ଷ ସଂଖ୍ୟା-୨୩୭ ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୩୧, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ନିର୍ବାଚନୀ ବର୍ଷରେ ଧିମେଇଗଲା ଭିଜିଲାନ୍ସ : ଗତବର୍ଷ ୧୭୫ କୋଟି, ଏବର୍ଷ ମାତ୍ର ୯୩କୋଟି ଟଙ୍କାର ଆୟବର୍ହିଭୂତ ସମ୍ପତ୍ତି ଠାବ

ଭୁବନେଶ୍ୱର,୩୦।୧୦(ପି.ଏନ): ନିର୍ବାଚନୀ ବର୍ଷରେ ରାଜ୍ୟ ଭିଜିଲାନ୍ସ ଅପେକ୍ଷାକୃତ ଧୀମା ହୋଇଛି । ୨୦୨୨ ମସିହା ତୁଳନାରେ ରାଜ୍ୟ ଭିଜିଲାନ୍ସର ପ୍ରଦର୍ଶନ ଆଶାନୁରୂପ ରହିନାହିଁ । ଭିଜିଲାନ୍ସର ମାମଲା ହ୍ରାସ ପାଇବା ସହ ଆୟବର୍ହିଭୂତ ସମ୍ପତ୍ତି ଠାବ ପରିମାଣ ଆଖିଦୃଶିଆ ହ୍ରାସ ପାଇଛି । ଗତବର୍ଷ ମୋଟ ୧୭୪.୮୩କୋଟି ଟଙ୍କାର ଆୟବର୍ହିଭୂତ ସମ୍ପତ୍ତି ଠାବ କରିଥିବା ରାଜ୍ୟ ଭିଜିଲାନ୍ସ ଚଳିତବର୍ଷ ଅକ୍ଟୋବର ମାସ ସୁଦ୍ଧା ମାତ୍ର ୯୩.୨୯କୋଟି ଟଙ୍କାର ସମ୍ପତ୍ତି ଠାବ କରିବାରେ ସକ୍ଷମ ହୋଇଛି । କେବଳ ସେତିକି ନୁହେଁ ୨୦୨୨ ମସିହାରେ ଲାଂଚ୍ ନେବା ଘଟଣାରେ ଭିଜିଲାନ୍ସ ୧୧୮ଟି ଟ୍ରାପ୍ ମାମଲା ରୁଜୁ କରିଥିଲା, କିନ୍ତୁ ଚଳିତବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଏହି ପରିମାଣ ମାତ୍ର ୭୫ରେ ସୀମିତ ରହିଛି । ଗତବର୍ଷ ଭିଜିଲାନ୍ସର ଦୋଷୀସାବ୍ୟସ୍ତ ହାର ମୋଟାମୋଟି ୫୦% ଓ ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ୭୭% ଥିଲା, ଯାହାକୁ ଚଳିତବର୍ଷ ଦୋହରାଇଛି ଭିଜିଲାନ୍ସ । ଆଜି ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଚଳିତବର୍ଷରେ ଅକ୍ଟୋବର ୨୭ତାରିଖ ସୁଦ୍ଧା ନିଜର ପ୍ରଦର୍ଶନର ହିସାବ ଦିଆଯାଇଛି । ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଜାରି ସୂଚନା ଅନୁସାରେ, ଚଳିତବର୍ଷ ଅକ୍ଟୋବର ୨୭ତାରିଖ ସୁଦ୍ଧା ମୋଟ ୩୬୫ଜଣଙ୍କ ବିରୁଦ୍ଧରେ ୨୦୨ଟି ଅପରାଧ ମାମଲା ରୁଜୁ ହୋଇଛି । ସେଥିରେ ୩୮ଜଣ ପ୍ରଥମ ଶ୍ରେଣୀ ଅଫିସର, ୩୭ଜଣ ଦ୍ୱିତୀୟ ଶ୍ରେଣୀ ଅଫିସର, ୧୬୧ଜଣ ତୃତୀୟ ଶ୍ରେଣୀ, ୭ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମେତ ୪୮ଟି ସରକାରୀ ଉଦ୍ୟୋଗ ଓ ୭୪ଜଣ ଘରୋଇ ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି । ଏହି ୨୦୨ଟି ମାମଲା ମଧ୍ୟରୁ ୬୧ଟି ମାମଲା ହେଉଛି ଆୟବର୍ହିଭୂତ ସମ୍ପତ୍ତି ଠୁଳର । ମୋଟ ୭୨ଜଣ ସରକାରୀ କର୍ମଚାରୀ ଓ ୩୪ଜଣ ଘରୋଇ ବ୍ୟକ୍ତିଙ୍କ ବିରୁଦ୍ଧରେ ମୋଟ ୬୧ଟି ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଛି ଓ ସେମାନଙ୍କଠୁ ୯୩.୨୯କୋଟି ଟଙ୍କା ଜବତ ହୋଇଛି । ଯଦିଓ ୨୦୨୨ ମସିହାରେ ୧୭୦ଜଣ ସରକାରୀ କର୍ମଚାରୀ ଓ ୧୦୦ଜଣ ଘରୋଇ ବ୍ୟକ୍ତିଙ୍କ



ବିରୁଦ୍ଧରେ ଏଭଳି ୮୩ଟି ମାମଲା ରୁଜୁ ହୋଇ ୧୭୪.୮୩କୋଟି ଟଙ୍କାର ଆୟବର୍ହିଭୂତ ସମ୍ପତ୍ତି ଠାବ ହୋଇଥିଲା । ଅବଶ୍ୟ ଚଳିତବର୍ଷ ଶେଷ ପାଇଁ ଆଉ ୨ମାସ ବାକି ଅଛି, କିନ୍ତୁ ଗତବର୍ଷର ଠାବ ସମ୍ପତ୍ତି ପରିମାଣକୁ ଛୁଇଁବା ସମ୍ଭବପର ଲାଗୁନି ।ସେହିପରି ଚଳିତବର୍ଷ ଅକ୍ଟୋବର ୨୭ତାରିଖ ସୁଦ୍ଧା ମୋଟ ୭୫ଟି ଟ୍ରାପ୍ ମାମଲାରେ ୨୪.୨୪ଲକ୍ଷ ଟଙ୍କା ଜବତ ହୋଇଛି । ଏଥିରେ ୮୬ଜଣ ସରକାରୀ କର୍ମଚାରୀ ଓ ୧୩ଜଣ ଘରୋଇ ବ୍ୟକ୍ତିଙ୍କଠୁ ଏହି ଅର୍ଥ ଜବତ ହୋଇଛି । ଅନ୍ୟପକ୍ଷରେ ୨୦୨୨ ମସିହାରେ ମୋଟ ୧୧୮ଟି ଟ୍ରାପ୍ ମାଲାରେ ୩୬.୯୪ଲକ୍ଷ ଟଙ୍କା ଜବତ ହୋଇଥିଲା ଓ ୧୨୬ଜଣ ସରକାରୀ କର୍ମଚାରୀ ଏବଂ ୩ଜଣ ଘରୋଇ ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଥିଲା ।ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ ଜେଠୱା ସୂଚନା ଦେଇ କହିଥିଲେ ଯେ, ୨୦୨୨ ଓ ୨୦୨୩ ମସିହାର ଏବେସୁଦ୍ଧା ବେଆଇନ ଭାବେ ଉପାର୍ଜନ ହୋଇଥିବା ମୋଟ ୨୬୮କୋଟି ଟଙ୍କାର ଆୟବର୍ହିଭୂତ ସମ୍ପତ୍ତି ଜବତ କରାଯାଇଛି । ଗତବର୍ଷ ୬୦୦ଟି ସ୍ଥାନରେ ଚଢ଼ଉ ହୋଇଥିଲା ଓ ୮୯୮ଟି ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଜବତ ହୋଇଥିଲା । ୧୧୧ଟି କୋଠା ଓ ଅନ୍ୟ ପ୍ରକଳ୍ପର ମୂଲ୍ୟାଙ୍କନ ହୋଇଥିଲା ।

## ପେଣ୍ଠକଟା ପେଟ୍ରୋଲ ପମ୍ପ ନିକଟରେ ଟଙ୍କା,ତାସ ଓ ମୋବାଇଲ ସହ ୭ଜୁଆଡି ଗିରଫ

ପୁରୀ,୩୦।୧୦(ପି.ଏନ):ସମୁଦ୍ରକୂଳ ଥାନା ଅଧୀନ ପେଣ୍ଠକଟା ପେଟ୍ରୋଲ ପମ୍ପ ନିକଟରେ ପୁଲିସ ଚଢାଉ କରି ୭ଜଣ ଜୁଆଡିଙ୍କୁ ଗିରଫ କରିବା ସହ ତା ନିକଟରୁ ୨୩ହଜାର ୧ଶହ ଟଙ୍କା,୪ଗୋଟି ମୋବାଇଲ ଫୋନ ଏବଂ ଗୋଟିଏ ତାସ ମୁଠା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦ୍ରକାନ୍ତ ବେହେରା(୩୪),ଜଗା ରେଡ୍ଡି(୩୬),ସଦାଶିବ ମହାନ୍ତି(୩୭),କେ କିଷ୍ଟା ପାତ୍ର(୬୦),କେ ଗୋଲା(୩୨),କେ କରିୟା(୩୧) ଏବଂ ଏମ କାମରାଜୁ(୩୦) ବୋଲି ସୂଚନା ମିଳିଛି। ସୂଚନା ମୁତାବକ,ସମୁଦ୍ରକୂଳ ଥାନା ଏସଆଇ ପୂର୍ଣ୍ଣଚନ୍ଦ୍ର ଜେନା ଥାନା ଅଚଂଳରେ ପାଟ୍ରୋଲିଂ କରୁଥିବା ବେଳେ,ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ ପେଣ୍ଠକଟା ପେଟ୍ରୋଲ ପମ୍ପ ନିକଟରେ କିଛି ବ୍ୟକ୍ତି ଜୁଆ ଆଡ୍ଡା ଚଳାଇଛନ୍ତି। ସୂଚନା ଆଧାରରେ ପୋଟ୍ରୋଲିଂ ପୁଲିସ ତୁରନ୍ତ ଉକ୍ତ ଅଚଂଳରେ ଚଢାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ମାଡି ବସିବାରେ ସକ୍ଷମ ହୋଇଥିଲା। ପୁଲିସ ଅଭିଯୁକ୍ତ ନିକଟରୁ ୩୨ହଜାର ୧ଶହ ଟଙ୍କା,୪ଗୋଟି ମୋବାଇଲ ଫୋନ ଏବଂ ଗୋଟିଏ ତାସ ମୁଠା ଜବତ କରିଛି।

## ଦୁର୍ଦ୍ଧାନ୍ତ ଅପରାଧୀ ଦୁନିଆ ସାହୁ ହତ୍ୟା ଘଟଣା :୫ଗିରଫ




କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର), ୩୦।୧୦(ପି.ଏନ):ସଦର ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମରେ ଗତ ୨୭ତାରିଖ ସନ୍ଧ୍ୟାରେ ଦୁର୍ଦ୍ଧାନ୍ତ ଅପରାଧୀ ଦୁନିଆ ସାହୁ ହତ୍ୟା ଘଟଣାରେ ସଦର ଥାନା ପୁଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ଗିରଫ ୫ଜଣ ଅଭିଯୁକ୍ତ ହେଲେ ମୃତ ଦୁନିଆଙ୍କ ପଡୋଶୀ ଦୁର୍ଯ୍ୟୋଧନ ସ୍ୱାଇଁ ଓରଫ ପ୍ରଧାନ (୩୭),ଭିକୁ ଜେନା (୨୮),ଟିକରପଡ଼ାଗ୍ରାମର କୁରା ରାଉଳ(୨୪), ଆଙ୍କଶପୁରର ସୁରେଶ ବେହେରା(୩୫) ଗୋଷାଣୀନୂଆ ଗାଁ ଶାସ୍ତ୍ରୀ ନଗର ତୃତୀୟ ଲାଇନର ସାଗର ପଣ୍ଡା ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ । ଅଭିଯୁକ୍ତଙ୍କ ନିକଟରୁ ଦୁଇଟି କାଡି ଜବତ କରାଯାଇଥିବା ଥାନା ଅଧିକାରୀ ଅନିତା ସାହୁ ସୂଚନା ଦେଇଛନ୍ତି ।ସୂଚନାଯୋଗ୍ୟ ଯେ ଗତ ୨୭ତାରିଖରେ ସନ୍ଧ୍ୟାରେ ଦୁନିଆ ସାହୁ ତାଙ୍କ ମା କୁନି ସାହୁ ଓ ସାନ ଭାଇ ଆଲୋକ ସାହୁ ଘରେ ଥିଲେ । ବାପା ସୂର୍ଯ୍ୟ ସାହୁ ସେହି ସମୟରେ କୌଣସି କାମରେ ବାହାରକୁ ଯାଇଥିଲେ । ଏହି ସମୟରେ ଦୁନିଆଙ୍କ ପଡୋଶୀ ଦୁର୍ଯ୍ୟୋଧନ ତାଙ୍କ ସହଯୋଗୀ କୋରା ,ସାଗର , ସୁରେଶ ଏବଂ ଅନ୍ୟମାନେ ତାଙ୍କ ଘରେ ପଶି ଦୁନିଆକୁ ଆକ୍ରମଣ କରିଥିଲେ । ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଆହତ କୁନି ତାଙ୍କର ଦୁଇ ପୁଅ ଦୁନିଆ ଓ ସାନ ପୁଅ ଆଲୋକଙ୍କୁ ଉଦ୍ଧାର କରି ଏମକେସିଜିରେ ଭର୍ତ୍ତି କରିଥିଲେ । ଚିକିତ୍ସା ଚାଲିଥିବାବେଳେ ଡାକ୍ତର ତାଙ୍କ ବଡ଼ ପୁଅ ଦୁନିଆ ସାହୁଙ୍କୁ ମୃତ ଘୋଷଣା କରିଥିଲେ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସମନ ଜାରି କଲା ଇଡି



ଭୁବନେଶ୍ୱର,୩୦।୧୦(ପି.ଏନ):ଆମ୍ ଆଦ୍ମୀ ପାର୍ଟିର ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ସମନ ଜାରି କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଦିଲ୍ଲୀ ଅବକାରୀ ନୀତିକୁ ନେଇ ରୁଜୁ ହୋଇଥିବା ମନି ଲଣ୍ଡରିଂ ମାମଲାରେ ଇଡି ଆଜି ତାଙ୍କୁ ସମନ କରିଛି ।ନଭେମ୍ବର ୨ ତାରିଖରେ ଇଡି ନିକଟରେ ହାଜର ହେବା ପାଇଁ ଅରବିନ୍ଦ କେଜ୍ରିୱାଲଙ୍କୁ କୁହାଯାଇଛି । ଗତ ଏପ୍ରିଲ ମାସରେ ଏହି ମାମଲାରେ ତାଙ୍କୁ ସିବିଆଇ ମଧ୍ୟ ସମନ ଜାରି କରିଥିଲା। ସେ ସିବିଆଇରେ ହାଜର ହୋଇଥିଲେ।

# କାହାକୁ ଛାଡିଲେନି ଶେଷରେ ଜିଲ୍ଲାପାଳଙ୍କ ଅଫିସ୍‌ରୁ ଲୁଟି ନେଲେ



ଭୁବନେଶ୍ୱର,୩୦।୧୦(ପି.ଏନ): ଚୋରଙ୍କ ଉତ୍ପାତ ବଢ଼ିଛି ! କାହାକୁ ଛାଡିଲେନି । ଶେଷରେ ଜିଲ୍ଲାର ମୁଖୀଆ ଜିଲ୍ଲାପାଳଙ୍କ ଅଫିସ୍‌ରେ କଳାକନା ବୁଲାଇ ଦେଲେ । ପୁଲିସ୍ ଓ ସିକ୍ୟୁରୀଟି ଗାର୍ଡ ନିୟୋଜିତ ହୋଇଥିବା ସତ୍ତ୍ୱେ ଦୁର୍ବୃତ୍ତମାନେ ନବରଙ୍ଗପୁର ଜିଲ୍ଲାପାଳଙ୍କ ଅଫିସ୍‌ରେ ପଶି ଚୋରି କରିଛନ୍ତି । ଏନେଇ ଅଭିଯୋଗ ହେବା ପରେ ଖୋଳତାଡ ଆରମ୍ଭ କରିଛି । ଆଉ ପୁଲିସ୍‌କୁ ଦେଇଛନ୍ତି ଖୋଲା ଚ୍ୟାଲେଞ୍ଜ । ରବିବାର ଅଫିସ୍ ଛୁଟି ଥିଲା । ତେଣୁ ନବରଙ୍ଗପୁର ଜିଲ୍ଲାପାଳଙ୍କ ଅଫିସ୍ ବନ୍ଦ ରହିଥିଲା । ରାତ୍ର ଯୋଗୁଆଳି ଓ ପୁଲିସ୍ କର୍ମଚାରୀମାନେ ଜଗି ରହିଥିଲେ । ଏହା ସତ୍ତ୍ୱେ ଜିଲ୍ଲାପାଳଙ୍କ ଅଫିସ୍‌ରୁ ଚୋରି ହୋଇଛି । ରବିବାର ରାତିରେ ଦୁର୍ବୃତ୍ତମାନେ ଗ୍ରୀଲ୍ ଓ ତାଲା ଭାଙ୍ଗି ତଳ ମହଲାରେ ପଶିଥିଲେ । ନିର୍ବାଚନ ଉପ ବିଭାଗ କକ୍ଷ ଓ ଡେପୁଟି କଲେକ୍ଟରଙ୍କ ଅଫିସ୍‌ରୁ ୪ଟି ମନିଟର, ଦୁଇଟି ଉଟଟ ସହ ଗୋଟିଏ ପ୍ରିଣ୍ଟର ଚୋରି କରି ନେଇଛନ୍ତି।

## ନୂଆପଡାରେ ଚାଞ୍ଚଲ୍ୟ; ୮ ବର୍ଷର ବାଳକକୁ ଝାମ୍ପି ନେଲା ବାଘ



ଭୁବନେଶ୍ୱର,୩୦।୧୦(ପି.ଏନ): ଏକ ୮ ବର୍ଷର ବାଳକକୁ ଝାମ୍ପି ନେଲା କଲରାପତରିଆ ବାଘ । ନୂଆପଡା ଜିଲ୍ଲା ସୁନାବେଡା ଅଭୟାରଣ୍ୟ କଟିଙ୍ଗପାଣି ଗାଁ ଗୋଧସପଡାରେ ଘଟିଛି ଏହି ଅଘଟଣ । ମୃତ ବାଳକର ନାଁ ଡମ୍ବରୁଧର ଧରୁଆ । ଆଜି ସନ୍ଧ୍ୟାରେ ସେ ଘର ପାଖରେ ଖେଳୁଥିବା ବେଳେ ତାକୁ ବାଘ ଝାମ୍ପି ନେଇଥିଲା । ଗାଁ ଲୋକଙ୍କ ସହାୟତାରେ ପରିବାର ଲୋକେ ବାଘକୁ ଗୋଡାଇ ଥିଲେ । ଏକ ଗୁମ୍ଫାରୁ ବାଘଠାରୁ ଶିଶୁଟିକୁ ଉଦ୍ଧାର କରିଥିଲେ ସେମାନେ । ତେବେ ଘରେ ଶିଶୁଟିର ମୃତ୍ୟୁ ହୋଇଯାଇଥିଲା । ଘଟଣା ସଂପର୍କରେ ଖବର ପାଇବା ପରେ ବନଜନ୍ତୁ ବିଭାଗର କର୍ମଚାରୀମାନେ ଗାଁରେ ପହଞ୍ଚିଥିଲେ । ମୃତଦେହଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନୂଆପଡା ପଠାଯାଇଛି ।ରାତି ପ୍ରାୟ ୯ଟା ସୁଦ୍ଧା କଟିଙ୍ଗପାଣି ଗାଁ ଗୋଧସପଡାର ଡମ୍ବରୁଧରଙ୍କ ଘର ପାଖାପାଖି ଦୁଇଟି ବାଘ ବିଚରଣ କରୁଥିବା ଜଣାପଡିଛି ।



ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ମାନ୍ୟବର ରଘୁବର ଦାସ ଦାୟିତ୍ୱ ନେବାର ଅବ୍ୟବହିତ ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଶ୍ରୀମନ୍ଦିରରେ

# କଂଗ୍ରେସ ଟିକେଟ ଦୌଡରେ ଆଉ ଏକ ନୂଆ ମୁହଁ

ନିମାପଡ଼ା,୩୦।୧୦(ପି.ଏନ):ଜଣେ ଛାତ୍ର ବତ୍ସଳ ଭାବରେ ଜଣାଶୁଣା ନିମାପଡ଼ା ମହାବିଦ୍ୟାଳୟର ପୂର୍ବତନ ଇତିହାସ ଅଧ୍ୟାପକ ନିରଦ ବରଣ ଖୁଣ୍ଟିଆ ଜାତୀୟ ସେବା ଯୋଜନାର ଶ୍ରେଷ୍ଠତମ କାର୍ଯ୍ୟମାନୀତ ହୋଇଥିଲେ ।ପରବର୍ତ୍ତୀ ସମୟରେ ରାଜନୀତିରେ ସକ୍ରିୟ ରହିବା ସହିତ ୨୦୦୭ରେ ଅରିଷଣ୍ଡ ପଞ୍ଚାୟତ ସମିତି ସଭ୍ୟ ଭାବରେ ନିର୍ବାଚିତ ହୋଇ ବ୍ଲକ୍ ଅଧ୍ୟକ୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରି ମାତ୍ର ଦୁଇଟି ଭୋଟ ବ୍ୟବଧାନରେ ହାରି ଯାଇଥିଲେ ।ପରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରବକ୍ତା ଭାବରେ ୨୦୧୮ରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟନାୟକଙ୍କ ଉପସ୍ଥିତରେ ରାହୁଲ ଗାନ୍ଧୀଙ୍କୁ ଭେଟି ଅନ୍ୟ ବନ୍ଧୁ ମାନଙ୍କ ସହିତ କଂଗ୍ରେସରେ ଯୋଗ ଦେଇଥିଲେ ।ଏବେ ରାଜ୍ୟ କଂଗ୍ରେସର ଶିକ୍ଷକ ସେଲ୍ର କାର୍ଯ୍ୟକାରୀ ସଭାପତି, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ପ୍ରବକ୍ତା ତଥା ତିନୋଟି ଜିଲ୍ଲାର ପ୍ରଭାରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।ଏତଦ୍ ବ୍ୟତୀତ ଜଣେ ସମାଜସେବୀ ଭାବରେ ବନ୍ୟା ବିପନ୍ନଙ୍କୁ ସହାୟତା କରିବା,ଓଡିଶା ପରିବେଶ ସମିତିର ସଦସ୍ୟ ଭାବରେ ବିଭିନ୍ନ ମହାବିଦ୍ୟାଳୟରେ ବୃକ୍ଷରୋପଣ କରିବା,ଓଡ଼ିଆ ଭାଷା ଜାଗରଣ ଯାତ୍ରାର ଆବାହକ ଭାବରେ ବିଭିନ୍ନ ଜିଲ୍ଲାରେ ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ନେଇ ସମାବେଶ ଆୟୋଜନ କରିବା,ଜାତୀୟ ସେବା ଯୋଜନାର ରାଜ୍ୟ ପ୍ରଶିକ୍ଷକ ଭାବରେ ପ୍ରତି ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ ମାନଙ୍କୁ ସମାଜସେବା ଓ ରାଷ୍ଟ୍ର ଗଠନ ପାଇଁ ପ୍ରଭାବିତ କରିବା,ଏ ସବୁ ପାଇଁ ଶ୍ରୀ ଖୁଣ୍ଟିଆ ଅହରହ କାର୍ଯ୍ୟ କରି ଖୁବ୍ ପ୍ରଶଂସିତ ।ଚାରୋଟି ବିଷୟରେ ସ୍ନାତକୋତ୍ତର, ଉଚ୍ଚଶିକ୍ଷିତ, ସୁବକ୍ତା,ଲେଖକ,କବି, ମିଷ୍ଟଭାଷୀ ଓ ନିମାପଡ଼ାର ସର୍ବସାଧାରଣରେ ଗ୍ରହଣୀୟ ବ୍ୟକ୍ତିତ୍ୱ ହେଉଛନ୍ତି ଅଧ୍ୟାପକ ଖୁଣ୍ଟିଆ । କୋଡିଏ ବର୍ଷର ଅଧ୍ୟାପନାରେ ହଜାର ହଜାର ଛାତ୍ରଛାତ୍ରୀ ଏବେ ବି ତାଙ୍କୁ ଭଲ ପାଆନ୍ତି ।ଯଦି ସେ କଂଗ୍ରେସ ଦଳର ପ୍ରାର୍ଥୀ ହୁଅନ୍ତି ତେବେ ଦଳୀୟ ଭୋଟ ବ୍ୟତିତ ହଜାର ହଜାର ଛାତ୍ରଛାତ୍ରୀଙ୍କ ପରିବାର ତାଙ୍କ ସପକ୍ଷରେ ଆସିବାର ସମ୍ଭାବନା ଅଛି ।ଅପର ପକ୍ଷରେ ନିମାପଡ଼ା ଗୋପ ଅଞ୍ଚଳର ଶିକ୍ଷିତ ଓ ବୁଦ୍ଧିଜୀବୀ ମହଲରେ ନିମାପଡ଼ା,୩୦/୧୦-ଜଣେ ଛାତ୍ର ବତ୍ସଳ ଭାବରେ ଜଣାଶୁଣା ନିମାପଡ଼ା ମହାବିଦ୍ୟାଳୟର ପୂର୍ବତନ ଇତିହାସ ଅଧ୍ୟାପକ ନିରଦ ବରଣ ଖୁଣ୍ଟିଆ ଜାତୀୟ ସେବା ଯୋଜନାର ଶ୍ରେଷ୍ଠତମ କାର୍ଯ୍ୟକ୍ରମ ଅଧିକାରୀ ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନୀତ ହୋଇଥିଲେ ।ପରବର୍ତ୍ତୀ ସମୟରେ ରାଜନୀତିରେ ସକ୍ରିୟ ରହିବା ସହିତ ୨୦୦୭ରେ ଅରିଷଣ୍ଡ ପଞ୍ଚାୟତ ସମିତି ସଭ୍ୟ ଭାବରେ ନିର୍ବାଚିତ ହୋଇ ବ୍ଲକ୍ ଅଧ୍ୟକ୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରି ମାତ୍ର ଦୁଇଟି ଭୋଟ ବ୍ୟବଧାନରେ ହାରି ଯାଇଥିଲେ ।ପରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରବକ୍ତା ଭାବରେ ୨୦୧୮ରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟନାୟକଙ୍କ ଉପସ୍ଥିତରେ ରାହୁଲ ଗାନ୍ଧୀଙ୍କୁ ଭେଟି ଅନ୍ୟ ବନ୍ଧୁ ମାନଙ୍କ ସହିତ କଂଗ୍ରେସରେ ଯୋଗ ଦେଇଥିଲେ ।ଏବେ ରାଜ୍ୟ କଂଗ୍ରେସର ଶିକ୍ଷକ ସେଲ୍ର କାର୍ଯ୍ୟକାରୀ ସଭାପତି, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ପ୍ରବକ୍ତା ତଥା ତିନୋଟି ଜିଲ୍ଲାର ପ୍ରଭାରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।ଏତଦ୍ ବ୍ୟତୀତ ଜଣେ ସମାଜସେବୀ ଭାବରେ ବନ୍ୟା ବିପନ୍ନଙ୍କୁ ସହାୟତା କରିବା,ଓଡିଶା ପରିବେଶ ସମିତିର ସଦସ୍ୟ ଭାବରେ ବିଭିନ୍ନ ମହାବିଦ୍ୟାଳୟରେ ବୃକ୍ଷରୋପଣ କରିବା,ଓଡ଼ିଆ ଭାଷା ଜାଗରଣ ଯାତ୍ରାର ଆବାହକ ଭାବରେ ବିଭିନ୍ନ ଜିଲ୍ଲାରେ ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ନେଇ ସମାବେଶ ଆୟୋଜନ କରିବା,ଜାତୀୟ ସେବା ଯୋଜନାର ରାଜ୍ୟ ପ୍ରଶିକ୍ଷକ ଭାବରେ ପ୍ରତି ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ ମାନଙ୍କୁ ସମାଜସେବା ଓ ରାଷ୍ଟ୍ର ଗଠନ ପାଇଁ ପ୍ରଭାବିତ କରିବା,ଏ ସବୁ ପାଇଁ ଶ୍ରୀ ଖୁଣ୍ଟିଆ ଅହରହ କାର୍ଯ୍ୟ କରି ଖୁବ୍ ପ୍ରଶଂସିତ ।ଚାରୋଟି ବିଷୟରେ ସ୍ନାତକୋତ୍ତର, ଉଚ୍ଚଶିକ୍ଷିତ, ସୁବକ୍ତା, ଲେଖକ, କବି, ମିଷ୍ଟଭାଷୀ ଓ ନିମାପଡ଼ାର ସର୍ବସାଧାରଣରେ ଗ୍ରହଣୀୟ ବ୍ୟକ୍ତିତ୍ୱ ହେଉଛନ୍ତି ଅଧ୍ୟାପକ ଖୁଣ୍ଟିଆ । କୋଡିଏ ବର୍ଷର ଅଧ୍ୟାପନାରେ ହଜାର ହଜାର ଛାତ୍ରଛାତ୍ରୀ ଏବେ ବି ତାଙ୍କୁ ଭଲ ପାଆନ୍ତି ।ଯଦି ସେ କଂଗ୍ରେସ ଦଳର ପ୍ରାର୍ଥୀ ହୁଅନ୍ତି ତେବେ ଦଳୀୟ ଭୋଟ ବ୍ୟତିତ ହଜାର ହଜାର ଛାତ୍ରଛାତ୍ରୀଙ୍କ ପରିବାର ତାଙ୍କ ସପକ୍ଷରେ ଆସିବାର ସମ୍ଭାବନା ଅଛି ।ଅପର ପକ୍ଷରେ ନିମାପଡ଼ା ଗୋପ ଅଞ୍ଚଳର ଶିକ୍ଷିତ ଓ ବୁଦ୍ଧିଜୀବୀ ମହଲରେ ଜଣେ ଗ୍ରହଣୀୟ ପ୍ରାର୍ଥି ହୋଇପାରିବେ ବୋଲି ଆଶା କରାଯାଉଛି ।

## ସରିଲା ଟ୍ରାକ୍ ମରାମତି; ଗଲା ପ୍ରଶାନ୍ତି ଏକ୍ସପ୍ରେସ୍



ଭୁବନେଶ୍ୱର,୩୦।୧୦(ପି.ଏନ): ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ ମରାମତି ସରିବା ପରେ ଗଡିଲା ଟ୍ରେନ୍ । ଅପ୍ ଲାଇନ୍‌ରେ ଟ୍ରାଏଲ୍ ରନ୍ ପରେ ଚାଲିଲା ଏକ୍ସପ୍ରେସ ଟ୍ରେନ୍ । ମରାମତି ପରେ ଅର୍ଥାତ ଅପରାହ୍ନ ୨ଟା ୩୬ ମିନିଟ୍‌ରେ ଚାଲିଲା ପ୍ରଶାନ୍ତି ଏକ୍ସପ୍ରେସ୍ । ଏକ୍ସପ୍ରେସ ଟ୍ରେନ ଚାଲିବା ନେଇ ରେଲୱେ ସୂଚନା ଦେଇଛି ।ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ବିଶାଖାପାଟଣା-ପଲାସା ପାସେଞ୍ଜର ଟ୍ରେନ୍ ?କୁ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା ବିଶାଖାପାଟଣା-ରାୟଗଡା ପାସେଞ୍ଜର । ଦୁର୍ଘଟଣା ପରେ ପଲାସା ପାସେଞ୍ଜର କିଛି ବଗି ଅନ୍ୟ ଟ୍ରାକ୍‌ରେ ପଡିଥିଲେ । ସେହି ଟ୍ରାକ୍‌ରେ ଆସୁଥିବା ମାଲ୍‌ବାହୀ ଟ୍ରେନ୍ ପାଲାସା ପାସେଞ୍ଜି ବଗିକୁ ଧକ୍କା ଦେଇଥିଲେ । ଯେଉଁଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି । ଆହତମାନଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୩୦ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

-ପ୍ରକାଶକ








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଇ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

## ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏଁ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ


**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।


**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।


**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।


**କର୍କଟ** – ବନ୍ଧୁଙ୍କ ନିକଟରୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।


**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।


**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।


**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।


**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।


**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।


**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।


**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।


**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ଶକ୍ତି ଉପାସନାର ସ୍ଥଳ ତୀର୍ଥରାଜ ପ୍ରୟାଗ

ପୂଣ୍ୟଭୂମି ଭାରତ ବର୍ଷର ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ସାରା ଭାରତରେ ଶକ୍ତିଙ୍କର ଅସଂଖ୍ୟ ଉପାସନା ଓ ଅର୍ଚ୍ଚନା ସ୍ଥଳୀ ରହିଛି। ସେଗୁଡ଼ିକ ମଧ୍ୟରେ ତୀର୍ଥରାଜ ପ୍ରୟାଗ ଶକ୍ତି ଉପାସନାର ପ୍ରମୁଖ ସ୍ଥଳ ଭାବରେ ପରିଚିତ। ମୁଖ୍ୟତଃ ୫୧ ଟି ମହାପୀଠର ବିଶେଷ ଗୁରୁତ୍ୱ ରହିଛି।



ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ମା' ଶକ୍ତିଙ୍କୁ ନିଜର ଝିଅ(ସତୀ) ରୂପରେ ପାଇବା ପରେ ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଦକ୍ଷରାଜଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ଏକ ଯଜ୍ଞର ଆୟୋଜନ କଲେ। ଝିଅ ମାତା ସତୀ ଓ ଜ୍ୱାଇଁ ଭଗବାନ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ମାତା ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ। ଦକ୍ଷ ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଭଗବାନ ଶିବ ଏ ଖବର ଜାଣି ସେଠାରେ ପହଂଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଶିବ ଶାନ୍ତ ହେବେ ନାହିଁ। ସଙ୍ଗେସଙ୍ଗେ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି ସମୟ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଂଚି ହୋଇ ପଡ଼ିଲା। ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ



ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ପ୍ରୟାଗରେ ଏପରି ୩ଟି ସ୍ଥାନ ରହିଛି, ଯେଉଁ ସ୍ଥାନ ମାନଙ୍କରେ ମାତା ସତୀଙ୍କର ଅଙ୍ଗ ଖଣ୍ଡ ଗୁଡ଼ିକ ପଡ଼ିଥିଲା। ଏଠାରେ ମାତା ଲଳିତା ଦେବୀ, ମାତା କଲ୍ୟାଣୀ ଦେବୀ ଓ ମାତା ଅଲୋପଶଙ୍କରୀ ଦେବୀ ରହିଛନ୍ତି। ଏହି ଶକ୍ତିପୀଠ ଗୁଡ଼ିକରେ ପୂଜା ଏବଂ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ଭକ୍ତ




ଓ ଶ୍ରଦ୍ଧାଳୁ ମାନେ ଆସିଥାନ୍ତି। ନବରାତ୍ରରେ ପ୍ରତି ମନ୍ଦିରରେ ବିଶେଷ ପୂଜା ଓ ଅନୁଷ୍ଠାନ ହୋଇଥାଏ। ଏହି ଉତ୍ସବରେ ପ୍ରତିଦିନ ଶହ ଶହ ଭକ୍ତ ସାମିଲ ହୋଇଥାନ୍ତି।

ଯମୁନା ନଦୀ କୂଳରେ ମୀରପୁର ସ୍ଥିତ ମା' ଲଳିତାଙ୍କ ଏହି ପ୍ରାଚୀନ ମହା ଶକ୍ତିପୀଠ ମନ୍ଦିରରେ ମାତା ସତୀଙ୍କ ହାତର ଅଙ୍ଗୁଳି ପଡ଼ିଥିଲା। ସେହି ସ୍ଥାନରେ ମା'ଭଗବତୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ଅଧିଷ୍ଠିତ ଅଛନ୍ତି। ଏହି ମନ୍ଦିରରେ ପ୍ରବେଶ କରିବା ମାତ୍ରେ ନିଜ ଭିତରେ ଦିବ୍ୟ ଶକ୍ତିର ଅନୁଭବ ହୋଇଥାଏ। ମାତାଙ୍କର ଡ଼ାହାଣ ହାତରେ ସଂକଟ ମୋଚନ ହନୁମାନ, ରାମ, ଲକ୍ଷ୍ମଣ, ସୀତା ଓ ନବଗ୍ରହ ମାନଙ୍କର ଦିବ୍ୟ ମୂର୍ତ୍ତି ମାନ ସ୍ଥାପିତ ହୋଇଛି। ମନ୍ଦିର ଭିତରେ ରାଧା-କୃଷ୍ଣଙ୍କର ଭବ୍ୟ ମୂର୍ତ୍ତି ଗୁଡ଼ିକ ଭକ୍ତ ମାନଙ୍କର ମନ ମୋହିନିଏ। ନବରାତ୍ର ବେଳେ ଫୁଲ ଓ ଅଳଙ୍କାରରେ ମାତାଙ୍କର ଶୃଙ୍ଗାର କରା ଯାଇଥାଏ।

ମାତା ଲଳିତା ଦେବୀଙ୍କ ଭଳି ମାତା କଲ୍ୟାଣୀ ଦେବୀ ମନ୍ଦିରରେ ମଧ୍ୟ ମାତା ସତୀଙ୍କ ଅଙ୍ଗୁଳି ଖଣ୍ଡ ପଡ଼ିଥିଲା। ମତ୍ସ୍ୟ ପୁରାଣର ୧୩ଶ ଅଧ୍ୟାୟରେ ଯେଉଁ ୧୦୮ ପୀଠର ବର୍ଣ୍ଣନା ହୋଇଛି, ସେଥିରେ କଲ୍ୟାଣୀ ଲଳିତାଙ୍କ ନାମ ସର୍ବ ପ୍ରଥମେ ଆସିଛି। ମହର୍ଷି ଯାଗ୍ୟୋଲ୍କ୍ୟ ଆରାଧାନା ପାଇଁ ଏହି ସ୍ଥାନକୁ ପସନ୍ଦ କରିଥିଲେ। ଏଠାରେ ମାତା କଲ୍ୟାଣୀ ଚତୁର୍ଭୁଜ ରୂପରେ ସିଂହ ଉପରେ ବସି ବିଦ୍ୟମାନ ଅଛନ୍ତି। ମୂର୍ତ୍ତିର ଶୀର୍ଷରେ ଆଭାଚକ୍ର ରହିଛି, ମସ୍ତକ ଉପରେ ଯୋନୀ, ଲିଙ୍ଗ ଏବଂ ଫଣୀନ୍ଦ୍ର ଶୋଭା ପାଉଛି। ଦକ୍ଷିଣ ଭାଗରେ ଦେବାଧିଦେବ ମହାଦେବ ଓ ଗଜାନନ ଗଣେଷଙ୍କର ମନୋରମ ପ୍ରତିମା ସ୍ଥାପିତ ହୋଇଛି।

ମାତା ଅଲୋପଶଙ୍କରୀଙ୍କ ଭିତରେ ଲୋପ ହୋଇ ଯାଇଛନ୍ତି। ସଂଗମଠାରୁ କିଛି ଦୂରରେ ଅବସ୍ଥିତ ମାତା ଅଲୋପଶଙ୍କରୀଙ୍କ ପ୍ରାଚୀନ ସିଦ୍ଧପୀଠ ହେଉଛି ମନ୍ଦିର। ପୁରାଣ ଅନୁସାରେ ଏଠାରେ ମାତା ସତୀଙ୍କର ଯେଉଁ ଅଙ୍ଗ ପଡ଼ିଥିଲା, ତାହା ଲୋପ ହୋଇଗଲା। ଏହି କାରଣରୁ ମା'ଭଗବତୀଙ୍କ ପୂଜା ଅଲୋପଶଙ୍କରୀଙ୍କ ରୂପରେ ହୋଇଥାଏ। ନବରାତ୍ର ବ୍ୟତୀତ ସୋମବାର ଓ ଶୁକ୍ରବାର ଏଠାରେ ବିଶାଳ ମେଳା ବସିଥାଏ। ପୁରାଣରେ କ୍ଷମା ମାତାଙ୍କ ମନ୍ଦିର ସଂପର୍କରେ ବ୍ୟାପକ ବର୍ଣ୍ଣନା କରାଯାଇଛି। ଏଠାରେ ମା' ଭଗବତୀ ଚନ୍ଦ୍ରଘଣ୍ଟା ରୂପରେ ଅଧିଷ୍ଠିତ ଅଛନ୍ତି।




ସାରା ଦୁନିଆର ଏହା ଏକମାତ୍ର ମନ୍ଦିର, ଯେଉଁଠି ମା'ଦୁର୍ଗାଙ୍କର ନଅଟି ସ୍ୱରୂପକୁ ଏକ ସଙ୍ଗରେ ଦର୍ଶନ କରାଯାଇ ଥାଏ। ସଚ୍ଚା ହୃଦୟରେ ମା'ଙ୍କ ଦର୍ଶନ ମାତ୍ରେ ହିଁ ମଣିଷକୁ ସମସ୍ତ ମାନସିକ ଓ ଶାରୀରିକ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ନବରାତ୍ର ବେଳେ ପ୍ରତିଦିନ ଦେବୀଙ୍କର ଭିନ୍ନ ଭିନ୍ନ ସ୍ୱରୂପର ବିଶେଷ ଶୃଙ୍ଗାର କରାଯାଇଥାଏ। ସିଦ୍ଧପୀଠ ବ୍ୟତୀତ ସହରର ମସୁରିଆ ଦେବୀ, ଶୀତଳା ମାତା, ଅଷ୍ଟଭୁଜା ଦେବୀ, କାଳୀ ମାତା ଆଦି ମନ୍ଦିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ବସ୍ତ୍ର, ଅଳଙ୍କାର ଓ ଫୁଲରେ ମାତାଙ୍କ ଦିବ୍ୟ ସ୍ୱରୂପର ଶୃଙ୍ଗାର କରାଯାଇ ସାମୁହିକ ଆଳତୀ ହୋଇଥାଏ। ନବରାତ୍ର ଉତ୍ସବ ସମୟରେ ନିଜର ମନୋ କାମନା ପୂରଣ ପାଇଁ ଭକ୍ତ ମାନେ ବ୍ରତ ସହ ଶକ୍ତି ସ୍ୱରୂପା ମା' ଭଗବତୀଙ୍କ ଆରାଧନା କରିଥାନ୍ତି। ଯଦ୍ୱାରା ଭକ୍ତମାନଙ୍କର ମନୋସ୍କାମନା ଅତିଶୀଘ୍ର ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

# ପୁରାଣବିଦିତ ଅବତାରବାଦ ଓ ପ୍ରଭୁ ଶ୍ରୀରାମ

ଭାରତୀୟ ସାଂସ୍କୃତିକ ପରମ୍ପରା ନିର୍ମାତା ଏକ ଅପୂର୍ବ ଏବଂ ଅତୁଳନୀୟ ଗୋଷ୍ଠୀ, ଯେଉଁମାନେ ମୁନି, ଋଷି ଭାବରେ ସର୍ବଜନ ବିଦିତ। ସେଇ ମନ୍ତ୍ରଦ୍ରଷ୍ଟା, ଆତ୍ମଦର୍ଶୀ ମାନଙ୍କର ଅନୁଭୂତ ପ୍ରେରଣାରୁ ନିର୍ଗତ ହୋଇଛି ଏ ମହାନ ଜାତିର କାବ୍ୟ କବିତା, ଶିକ୍ଷା, ଦର୍ଶନ ଓ ସଂସ୍କୃତିର ଅନ୍ୟାନ୍ୟ ସକଳ ବିଭବ। ତପୋଧନ ମହର୍ଷି ବାଲ୍ମୀକିଙ୍କ ଲେଖନୀ ପ୍ରସୂତ ରାମାୟଣ ମହାକାବ୍ୟ ଏକ ସୁବିନ୍ୟସ୍ତ ସଂସ୍କରଣ, ଯାହା ସମଗ୍ର ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଛି। ଏହି ମହାନ ସୁବିପୁଳ ଗ୍ରନ୍ଥର ଜନପ୍ରିୟତା ସମଗ୍ରଭାରତ ବର୍ଷରେ ବହୁକାଳରୁ ପ୍ରଚଳିତ ହୋଇ ଆସିଛି। ପ୍ରସଙ୍ଗାନୁକ୍ରମେ ଗ୍ରନ୍ଥର ବହୁଳାଂଶ ବାସ୍ତବତାର ବିବିଧ ସ୍ତରର ବର୍ଣ୍ଣନା ପାଟବ, ତଥା କମନୀୟ ଓ ମାର୍ମୀକ ଦୃଷ୍ଟାନ୍ତରେ ବିମଣ୍ଡିତ ହୋଇ ଗ୍ରନ୍ଥର କଳେବରକୁ ବିସ୍ତୃତ ଓ ସୁସମୃଦ୍ଧ କରିଛି। ମହାନ ରଘୁବଂଶର ଅମର କୀର୍ତ୍ତିଗାଥା ବିଦ୍‌ଗଧ ପାଠକ ଓ ଉଦ୍‌ଗ୍ରୀବ ଶ୍ରୋତା ମଣ୍ଡଳୀ ଶ୍ରବଣ ଓ ମନନ କରି ଯେତିକି ଯେତିକି ଅଗ୍ରସର ହୁଅନ୍ତି, ସେତିକି ସେତିକି ବାଣୀ ଭଣ୍ଡାରରୁ ଅମୂଲ୍ୟରତ୍ନ ଲାଭ





କରି କୃତାର୍ଥ ଓ କୃତ୍ୟ କୃତ୍ୟ ହୋଇଯାଆନ୍ତି। କାରଣ ଉର୍ମିଳ ମହୋଦଧି ପରି ତରଙ୍ଗାୟିତ ଏହି ସାରସ୍ୱତ ବାଙମୟ ମହାପ୍ରବାହ ଉଭୟ କର୍ମ ଜିଜ୍ଞାସା ଓ ଜ୍ଞାନଜିଜ୍ଞାସାର ଅମ୍ଳାନ ସ୍ୱାକ୍ଷର ବହନ କରି ଭାରତବର୍ଷର ଜୀବନଧାରାକୁ ବିପୁଳ ମାତ୍ରାରେ ପ୍ରଭାବିତ ଓ ଆକର୍ଷିତ କରି ନିଜସ୍ୱ ମହିମାରେ ଅଭିଭୂତ କରିଛି। ଏହି ପରିଦୃଶ୍ୟମାନ ସ୍ଥୁଳ ଜଗତ ବିଶ୍ୱାତ୍ମା ଭଗବାନଙ୍କର ଛଦ୍ମରୂପର ଏବଂ ବିଧ ପରିପ୍ରକାଶ। ଆମେ ଏହି ଜଗତରେ ଜନ୍ମ ନେଇ ଯେଉଁ ସବୁ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେଉଛୁ, ସେ ସବୁର ଅସାରତା ଯେ ରାମାୟଣ ଗ୍ରନ୍ଥରେ ପ୍ରତିପାଦିତ ହୋଇଛି ଏଥିରେ ତୀଳେମାତ୍ରେ ସନ୍ଦେହ ନାହିଁ। ଗ୍ରନ୍ଥର ସୁଦୀର୍ଘ କଳେବର ମଧ୍ୟରେ ପ୍ରତିପାଦିତ ଦୃଶ୍ୟମାନ ବସ୍ତୁ ଏବଂ ପ୍ରତ୍ୟେକ ପରିସ୍ଥିତିର ଅନ୍ତରାଳରେ ଆତ୍ମଗୋପନ କରିଥିବା ବାସ୍ତବ ସତ୍ୟକୁ ଉପଲବ୍ଧି କଲେ ଜଣେ ସଂସାରର ଜାଗତିକ ବନ୍ଧନରୁ ମୁକ୍ତି ହୋଇପାରିବ। ହର୍ଷ ଓ ବିଷାଦପୂର୍ଣ୍ଣ ଘଟଣାର ବହୁଳତାକୁ ଦୃଷ୍ଟିରେ ରଖି ପ୍ରାଜ୍ଞପୁରୁଷ ମହର୍ଷି ବାଲ୍ମୀକି ସମଗ୍ର ଗ୍ରନ୍ଥର କଳେବରକୁ ସାତଟି ବିଭାଗ (କାଣ୍ଡ)ରେ ବିଭକ୍ତ କରିଛନ୍ତି। (୧) ବାଳକାଣ୍ଡ (୨) ଅଯୋଧ୍ୟାକାଣ୍ଡ (୩) ଅରଣ୍ୟକାଣ୍ଡ (୪) କିଷ୍କିନ୍ଧାକାଣ୍ଡ (୫)ସୁନ୍ଦରକାଣ୍ଡ (୬) ଲଙ୍କାକାଣ୍ଡ (୭) ଉତ୍ତରାକାଣ୍ଡ। ଭଗବାନ ପ୍ରଭୁ ଶ୍ରୀରାମଙ୍କ ବାଲ୍ୟଲୀଳା, ବାଳକାଣ୍ଡରେ ଲୀଳାଇତ ହୋଇଛି। ଅବତାରବାଦ ଭାରତୀୟ ଚେତନାର ଏକ ସୁମହତ୍ ଓ ମୌଳିକ ବିଶେଷତ୍ୱ ଅଟେ। ଅବତାର କହିଲେ କୌଣସି ସର୍ବୋଚ୍ଚସ୍ତରରୁ ଧରାପୃଷ୍ଠକୁ ଅବତରଣ କରି ଏକ ଦୃଶ୍ୟମାନ ରୂପ ପରିଗ୍ରହ କରୁଥିବା ମହତ୍ୱର ଚେତନା ହିଁ ଅବତାରକୁ ବୁଝାଏ। ବିଚିତ୍ର ସୃଷ୍ଟିର କ୍ରମାଗତ ସ୍ଥିତିପାଇଁ ପରଂବ୍ରହ୍ମଙ୍କର ବିଷ୍ଣୁରୂପ ମୁଖ୍ୟତ ଦାୟୀ। ତେଣୁ ଆବଶ୍ୟକ ମତେ ଭଗବାନ ବିଷ୍ଣୁ ହିଁ ବାରମ୍ବାର ଅବତାର ଗ୍ରହଣ କରନ୍ତି। ଅବତାରତ୍ତ୍ୱର ଯଥାର୍ଥ ମହାତ୍ମ୍ୟ ବୁଝାଇବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ଯେତେବେଳେ ଧର୍ମର ଗ୍ଲାନିଘଟି, ଅଧର୍ମ ମାତ୍ରା ବୃଦ୍ଧି ହୁଏ ସେତେବେଳେ ହିଁ ମୁଁ ନିଜକୁ ସାକାର ରୂପରେ ପ୍ରକଟିତ କରେ। ସାଧୁ (ଭକ୍ତ) ଜନମାନଙ୍କୁ ପରିତ୍ରାଣ କରି, ପାପାଚାରୀ ମାନଙ୍କୁ ବିନାଶ କରିବା ଏବଂ ଉତ୍ତମ ରୂପେ ଧର୍ମ ସ୍ଥାପନ କରିବା ନିମିତ୍ତ ମୁଁ ଯୁଗ ଯୁଗ ଧରି ଧରାମାର୍ଗରେ ଅବତୀର୍ଣ୍ଣ ହୋଇଥାଏ।

ରାମାୟଣ ଯୁଗରେ (ତ୍ରେତା), କୁଳଗୁରୁ ବଶିଷ୍ଠ ଓ ଋଷ୍ୟଶୃଙ୍ଗ କର୍ତ୍ତୃପ ରାଜାଦଶରଥଙ୍କ ଦ୍ୱାରା ଅନୁଷ୍ଠିତ ପୁତ୍ରେଷ୍ଟି ଯଜ୍ଞ ସମାପନ ପରେ ପବିତ୍ର ଚୈତ୍ର ଶୁକ୍ଳପକ୍ଷ ନବମୀ ତିଥିରେ ପ୍ରଭୁ ଶ୍ରୀରାମ ମାତା କୌଶଲ୍ୟାଙ୍କ କୋଳ ମଣ୍ଡନ କରିଥିଲେ। ବାଲ୍ୟଲୀଳାର ଅନ୍ତଘଟାଇ ରାମାୟଣର ମହାନାୟକ ରାଜକୁମାର ଶ୍ରୀରାମଙ୍କ ସହିତ ଜନକ ନନ୍ଦିନୀ ସୀତାଙ୍କର ଶୁଭପରିଣୟ ଅନୁଷ୍ଠିତ ହେବାପରେ ବରଯାତ୍ରୀଙ୍କ ସହ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଓ ପ୍ରଜା ସାମାକୁଳ ଅଯୋଧ୍ୟା କଟକରେ ଅନିର୍ବଚନୀୟ ଆନନ୍ଦମୁଖର ପରିବେଶ ସୃଷ୍ଟି ହୋଇଛି ଅଯୋଧ୍ୟା କାଣ୍ଡରେ। କୋଳାହଳପୂର୍ଣ୍ଣ ରାଜ ନଅରରେ, ରାଜକୁମାର ଶ୍ରୀରାମଙ୍କ ରାଜ୍ୟାଭିଷେକର ଆୟୋଜନ ପରିପ୍ରେକ୍ଷୀରେ ମାତା କୈକେୟୀ କର୍ତ୍ତୃକ ମନ୍ଥରାଙ୍କ ଚକ୍ରାନ୍ତରେ ରାଜ୍ୟାଭିଷେକ ଅନୁଷ୍ଠିତ ହେବା ପରିବର୍ତ୍ତେ ସମଗ୍ର ଅଯୋଧ୍ୟାବାସୀଙ୍କ ମନରେ ବିଷାଦର ଛାୟା ଖେଳି ଯାଇଛି। ଶୋକାକୁଳ ପରିବେଷ ମଧ୍ୟରେ ପ୍ରଭୁ ଶ୍ରୀରାମଙ୍କର ଚଉଦବର୍ଷ ବନଗମନ ସାଙ୍ଗକୁ, ଶ୍ରୀରାମଙ୍କ ଅବର୍ତ୍ତମାନରେ ଦଶରଥଙ୍କର ମହାପ୍ରୟାଣ ଜନିତ ଦାରୁଣ ଦୁଃଖ, ଗ୍ରନ୍ଥର କଳେବରକୁ କାରୁଣ୍ୟତାରେ ଭରି ଦେଇଛି। ପୁତ୍ର ଶୋକାତୁର ସତ୍ୟସନ୍ଧରାଜା ଦଶରଥ, ପ୍ରଭୁ ଶ୍ରୀରାମଙ୍କ ବିରହରେ ମ୍ରିୟମାଣ ହୋଇ ଶୋକ ଜର୍ଜରିତ ଚିତ୍ତରେ ହେମୋର ପ୍ରାଣପ୍ରିୟ ରାମ! ହା ଜାନକୀ ହା ଲକ୍ଷ୍ମଣ! ହାପିତା - ଚିତ୍ତ- ଚକୋର - ହିତକାରୀ ମେଘ! କହି କହି ଭୂମିରେ ଲୋଡ଼ି ପଡିଲେ ପୁଣି ଶେଷଥର ପାଇଁ ରାମ ରାମ ଉଚ୍ଚାରଣ କରି ଶ୍ରୀରାମଙ୍କ ବିରହରେ ମର ଶରୀର ତ୍ୟାଗ କରି ସୁର ଲୋକକୁ ଗମନ କଲେ। ପ୍ରଜାସମାକୁଳ, କୋଳାହଳପୂର୍ଣ୍ଣ ଅଯୋଧ୍ୟା କଟକ ସର୍ବହୀତକାରୀ ପ୍ରଭୁଶ୍ରୀରାମ ଓ ପ୍ରଜାନୁରଞ୍ଜନ ନରପତି ଦଶରଥଙ୍କ ବିଚ୍ଛେଦରେ ଅବ୍ୟକ୍ତ ଯନ୍ତ୍ରଣାରେ ବିଦୀର୍ଣ୍ଣ ହୋଇ ଏକ ଅନଗତ ଭବିଷ୍ୟତକୁ ଅପେକ୍ଷା କରି ପଡ଼ି ରହିଲା। ଅତୁଳନୀୟ ରାଜବୈଭବର ଆଶକ୍ତି ପରିହାର କରି, ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଦୁର୍ବିସହ ଦୁଃଖଯନ୍ତ୍ରଣାକୁ ପାଥେୟକରି ପ୍ରଭୁ ଶ୍ରୀରାମ ଗହନ କାନ୍ତାର ମଧ୍ୟରେ ଅନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ଘୁରି ବୁଲିଲେ। ଦଣ୍ଡକାରଣ୍ୟରେ ଅବସ୍ଥାନ କାଳରେ ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ଦୁରାଚାରୀ ଦଶାନନ, କୁଡ଼ିଆ ମଧ୍ୟରୁ ମାତା ସୀତାଙ୍କୁ ଏକାକିନୀ ଦେଖି ଅପହରଣ କରି ନେଲା। ବାଲ୍ୟଲୀଳା ଶେଷରେ ଆଦ୍ୟଯୌବନ କାଳରେ ପ୍ରଭୁ ଶ୍ରୀରାମ ବହ୍ମର୍ଷି ବିଶ୍ୱାମିତ୍ର କର୍ତ୍ତୃକ ବିଦେହ ମଣ୍ଡଳରେ ପ୍ରବେଶ, ପଥରେ ଅଭୀଶପ୍ତା ଅହଲ୍ୟାଙ୍କର ଶାପମୋଚନ, ଶିବଧନୁ ଭାଙ୍ଗି ସୀତାଙ୍କ ପାଣିଗ୍ରହଣ ଆଦି ନାନାବିଧ ପାର୍ଥୀବ ଓ ପାରମାର୍ଥୀକ କାର୍ଯ୍ୟ ଶେଷକରି ସୀତାଙ୍କ ପିତୃସତ୍ୟପାଳି ଚଉଦବର୍ଷ କାଳ ଦୁସ୍ତର ବନବାସ ଜୀବନ କଟାଇବାକୁ ଲାଗିଲେ। ଇତିମଧ୍ୟରେ ସୀତା ହରଣ ଜନୀତ ହୃଦୟ ବିଦାରକ ଦୁଃଖ ଓ ବିଶ୍ୱତ୍ରାସ ରାବଣ ସମେତ ବହୁରାକ୍ଷସଙ୍କୁ ବଧକରି ଅବତାର ବାଦର ବୈଶିଷ୍ଟ୍ୟ ପ୍ରତିପାଦନ କଲେ। ପ୍ରାଣପ୍ରିୟା ସୀତାଙ୍କୁ ପାଇଲାବେଳକୁ ଚଉଦବର୍ଷର ବନବାସ ଜୀବନ ଶେଷ ହୋଇ ଆସିଛି। ଭାଇ ଭାର୍ଯ୍ୟାଙ୍କୁ ସାଙ୍ଗରେ ନେଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଜଧର୍ମର ପାରମ୍ପରିକ ରୀତିରେ ରାଜ ସିଂହାସନରେ ଅଭୀଷିକ୍ତ ହୋଇ, ରାଜଧର୍ମ ପାଳନ ଅବସରରେ ଆଉ ଏକ ଦାରୁଣ ବିପତ୍ତିର ସମ୍ମୁଖୀନ ହୋଇ, ପ୍ରଜାକୁଳର ସବୁଠାରୁ ଅଧମ ପର୍ଯ୍ୟାୟ ପ୍ରତି ସମ୍ମାନ ଜଣାଇ ତୀବ୍ର ଅଭିମାନ ଓ ଦାରୁଣ ଦୁଃଖାଭିଭୂତ ପ୍ରଭୁ ଶ୍ରୀରାମ ସୀତାଙ୍କୁ ନିର୍ବାସନ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମୁନି ପୁଙ୍ଗବ ବାଲ୍ମୀକିଙ୍କ ଆଶ୍ରମରେ ଆଶ୍ରୟ ନେଇ କାନ୍ତ ବିରହ ବିଧୁରା ପତିପ୍ରାଣା ଜାନକୀ ଯମଜ-ସନ୍ତାନ ଲବ ଓ କୁଶ ଦୁଇ ଭାଇଙ୍କୁ ଜନ୍ମ ଦେଇଛନ୍ତି। ହାୟ ବିଧାତା ଏହାତ ପୁଣି ମନୁଷ୍ୟ ଜୀବନର ଦୁଃଖଦ କାହାଣୀ। ରାମାୟଣର ସୀତା ହେଉଛନ୍ତି, ଜଣେ ଆଦର୍ଶବାଦିନୀ ସଂସ୍କୃତି ସଚେତନଶୀଳା ଆଦର୍ଶ କୂଳବଧୂ। ଜଣେ ଆଦର୍ଶବାଦିନୀ କୂଳବଧୂର ସମସ୍ତ ନୈତିକ ଗୁଣାବଳୀକୁ ବହନ କରି, ସେ ନିଜର ସାମାଜିକ ଜୀବନ ନିର୍ବାହ କରିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ବନବାସ କାଳରେ ସ୍ୱାମୀଙ୍କ ଦୁଃଖରେ ସମଦୁଃଖିନୀ ହୋଇ ସେ ଶ୍ରୀରାମଙ୍କ ସହିତ ବନବାସିନୀ ହୋଇଛନ୍ତି। ରାବଣ ଦ୍ୱାରା ଅପହୃତା ହେବା ପରେ ସେ ନିଜର ସତୀତ୍ୱକୁ ପରୀକ୍ଷା କରିବା ପାଇଁ ନିଜକୁ ଅଗ୍ନିଗର୍ଭରେ ନିକ୍ଷେପ କରିଛନ୍ତି। ପୁନଶ୍ଚ ରାମଚନ୍ଦ୍ରଙ୍କ ଦ୍ୱାରା ପରିତ୍ୟକ୍ତା ହେଲାପରେ ବନବାସିନୀ ହୋଇ ମଧ ଶ୍ରୀରାମଙ୍କ କୌଣସି ମନ୍ଦଚିନ୍ତା ନକରି, ନାରୀ ଧର୍ମର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିଛନ୍ତି। ଏମିତି କେତେକେ ମର୍ମନ୍ତୁଦ ଘଟଣାରେ ମ୍ରିୟମାଣ ହୋଇ, ଶତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ଜନଜୀବନ ଚିନ୍ତା କରି ଆସିଛି - ଆହା, ଏପରିଘଟଣା ନଘଟି ମାତାସୀତା ଦେବୀ ଆଜୀବନ ପ୍ରଭୁ ଶ୍ରୀରାମଙ୍କ ସହିତ ସୁଖର ସଂସାର କରିଥାନ୍ତେ କି। ଭାରତୀୟ ଜନଜୀବନର ଏହି ସବୁ ସାମୂହିକ କାମନା, ତଥା ପ୍ରଭୁ ଶ୍ରୀରାମଙ୍କ ଜୀବନର ଚଲାପଥରେ ଘଟି ଯାଇଥିବା ଭିନ୍ନ ଭିନ୍ନ ବିସ୍ମୟଭରା ଦୁର୍ବିସହ କାହାଣୀ ତାଙ୍କୁ ମର୍ଯ୍ୟଦା ପୁରୁଷୋତ୍ତମ ଆସନରେ ଅଧିଷ୍ଠିତ କରିଛି। ଆଜି ପବିତ୍ର ଶ୍ରୀରାମ ନବମୀ ପାଳନ ଅବସରରେ ମର୍ଯ୍ୟଦା ପୁରୁଷୋତ୍ତମଙ୍କ ପଦାର ବିନ୍ଦରେ ଏତିକି ପ୍ରାର୍ଥନା, ଯେଉଁ କୋଦଣ୍ଡ ଧନୁ ଟଙ୍କାରରେ ତାଙ୍କ ଅବତାରୀ ଜୀବନ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି, ସେଇ ଧନୁର୍ବାଣ ସମଗ୍ର ବିଶ୍ୱରୁ ଦୁଃଖର ଦାବାନଳକୁ ଦହନ କରୁ। ଜୟ ଶ୍ରୀରାମ।

## ଯାଜପୁରରୋଡ଼ - ଧାମରା ରେଳପଥକୁ ଗତିଶକ୍ତି ଯୋଜନାରେ ଅନ୍ତର୍ଭୁକ୍ତ କର : ସଂଗ୍ରାମ ସମିତି

କୋରେଇ,(ପି.ଏନ):୨୦୨୩ ନଭେମ୍ବର ମାସ ମଧ୍ୟରେ ଯାଜପୁରରୋଡ୍ - ଧାମରା ରେଳପଥର ଚୂଡ଼ାନ୍ତ ସର୍ଭେ (ଏଫ୍.ଏଲ୍.ଏସ୍.) ଶେଷ କରି ଏହାର ସବିଶେଷ ପ୍ରକଳ୍ପ ରିପୋର୍ଟ (ଡି.ପି.ଆର୍.) ପ୍ରସ୍ତୁତ କରିବା ସହ ପ୍ରକଳ୍ପଟିର ରୂପାୟନକୁ "ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା''ରେ ଅନ୍ତର୍ଭୁକ୍ତ କରିବା ପାଇଁ ସଂଗ୍ରାମ ସମିତି ପକ୍ଷରୁ ଦାବି କରାଯାଇଛି। ଯାଜପୁରରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ଶ୍ରୀ ସନ୍ତୋଷ ଦାସ ଏହି ମର୍ମରେ ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟକୁ ପତ୍ର ପଠାଇଛନ୍ତି। ରେଳପଥ, ରାଜପଥ, ଜଳପଥ ପରିବହନ, ବନ୍ଦର, ବିମାନ ବନ୍ଦର, ଗଣ ପରିବହନ, ଟେଲି ଯୋଗାଯୋଗ, ବିଦ୍ୟୁତ୍ ଶକ୍ତି, ପେଟ୍ରୋଲିୟମ ତୈଳ ଓ ଗ୍ୟାସ ସମେତ ଅନ୍ୟାନ୍ୟ ଭିତିଭୂମି ସହ ସଂଯୁକ୍ତ ୧୬ଟି ମନ୍ତ୍ରଣାଳୟର ସମନ୍ୱୟରେ ଏହି "ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା'' କାର୍ଯ୍ୟକାରୀ କରାଯାଉଛି। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ହେଉଛି ଭିତିଭୂମି ସଂକ୍ରାନ୍ତୀୟ ଉକ୍ତ ମାଷ୍ଟର ପ୍ଲାନର ଲକ୍ଷ୍ୟ ବୋଲି ୨୦୨୧ରେ ଏହି ବହୁମୁଖୀ ସଂଯୋଗୀକରଣ ଯୋଜନା ଦଲିଲରେ ଉଲ୍ଲେଖ କରାଯାଇଥିଲା।

## କୁଟୁମଡୋଲାରେ ନୁଆଁଖାଇ ଭେଟଘାଟ, ହାଇସ୍କୁଲ ପଡ଼ିଆରେ ବିଶାଳ ଆଦିବାସୀ ସମ୍ମିଳନୀ

ବଲାଙ୍ଗିର, (ପି.ଏନ):ବଲାଙ୍ଗିର ସଦର ବ୍ଲକର କୁଟୁମଡୋଲା ଗାଁ ରେ ଜ଼ିଲ୍ଲା ଆଦିବାସୀ କଲ୍ୟାଣ ସଂଘର ନୁଆଁଖାଇ ଭେଟଘାଟ ଅବସରରେ ଗାଁ ରେ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ପରେ ହାଇସ୍କୁଲ ପଡ଼ିଆରେ ନୁଆଁଖାଇ ଭେଟଘାଟ ଉପଲକ୍ଷେ ସମ୍ମିଳନୀ ହୋଇଥିଲା। ଶୋଭାଯାତ୍ରାରେ କୀର୍ତ୍ତନ ଦଳ, ଡକା ଦଳ, ଢ଼ାପ ଦଳ ସାମିଲ ହୋଇଥିଲେ। ସାଂସ୍କୃତିକ ଶୋଭାଯାତ୍ରା ରେ ଗାଁ ପରିକ୍ରମା କରିଥିଲେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି। ଗାଁରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଗ୍ରାମବାସୀ। ଆଦିବାସୀ ମାନେ ଗାଁ ର ଗୁପ୍ତେଶ୍ୱର ଶିବ ମନ୍ଦିର, ବିନ୍ଧ୍ୟାବାସିନୀ ପୀଠରେ ପୂଜାର୍ଚ୍ଚନା କରି ସଭାସ୍ଥଳକୁ ଆସିଥିଲେ। ଜ଼ିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଡାକରାରେ ହଜାର ହଜାର ଆଦିବାସୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଆଦିବାସୀ ସଂଘର ବ୍ଲକ ସଭାପତି ପାଳେଶ୍ୱର ଭୋଇଙ୍କ ସଭାପତିତ୍ୱରେ ବିଶାଳ ସଭାକୁ ଉଦବୋଧନ ଦେଇଥିଲେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି। ଓଡିଶା ସରକାରଙ୍କ ଜନହିତକର ଯୋଜନା, ଆଦିବାସୀ ସଶକ୍ତିକରଣ ଯୋଜନା, ମହିଳା, ଚାଷୀ, ଶ୍ରମିକ ସଶକ୍ତିକରଣ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଆଦିବାସୀ ଦେବାଦେବୀ ପୀଠରେ ସେବାପୂଜା କରୁଥିବା ଆଦିବାସୀ ଝାଙ୍କର, ପୁଝାରୀ,ସେବାକାରୀ ମାନଙ୍କୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ମାସକୁ ୬ ଶହ ଟଙ୍କା ଭତା, ସାଂସ୍କୃତିକ ଦଳର କଳାକାର ମାନଙ୍କୁ ଡ୍ରେସ, ବାଦ୍ୟ ସାମଗ୍ରୀ ପ୍ରଦାନ, ଆଦିବାସୀ ଖେଳାଳି ମାନଙ୍କୁ ଫୁଟବଲ, କ୍ରିକେଟ, ଭଲିବଲ, ହକି, ତୀରନ୍ଦାଜର କ୍ରୀଡା ସାମଗ୍ରୀ ପ୍ରଦାନ ବ୍ୟବସ୍ଥାକୁ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ପ୍ରକାଶ କରି ଓଡିଶା ସରକାରଙ୍କୁ ପ୍ରଶଂସା କରିଥିଲେ। ସଭାରେ କେନ୍ଦ୍ର ସରକାର କେନ୍ଦୁପତ୍ରରୁ ଜିଏସଟି ପ୍ରତ୍ୟାହାର କରିବା, ଆବାସ ପୋର୍ଟାଲ ଖୋଲି ଗରିବ ଆଦିବାସୀ ମାନଙ୍କୁ ଆବାସ ପ୍ରଦାନ, ଆଦିବାସୀ ଭାଷା ହୋ, ମୁଣ୍ଡାରୀ, ଭୂମିଜ, ସଓରା, କୁଇ, ଗୋଣ୍ଡି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ଅନୁମୋଦନ କରିବା, ଆଦିବାସୀ ଅଧୁଷିତ ଗାଁ ମାନଙ୍କରେ ଇଂଟରନେଟରେ ପାଠ ପଢିବା ଓ ଅନଲାଇନ କାର୍ଯ୍ୟ ପାଇଁ ନେଟୱର୍କ ସଂଯୋଗ ବ୍ୟବସ୍ଥା କରିବା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ, ପ୍ରତି ବ୍ଲକରେ କେନ୍ଦ୍ର ଆଦିବାସୀ କାର୍ଯ୍ୟ ମନ୍ତ୍ରଣାଳୟ ତରଫରୁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ଉପରେ ବକ୍ତା ମାନେ ଆଲୋକପାତ କରିଥିଲେ। ସମସ୍ତ ଦାବୀ ଉପସ୍ଥାପନା କରାଯାଇଥିଲା। ଓଡିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ବଳିଆ ଯୋଜନା, ଆଦିବାସୀ ସଶକ୍ତିକରଣ ଯୋଜନା, ମହିଳା ଶସକ୍ତିକରଣ ଯୋଜନା ଭଳି ଜନହିତକର ଯୋଜନାରେ ସାମିଲ ହେବା ପାଇଁ ଆହ୍ୱାନ କରାଯାଇଥିଲା। ଆଦିବାସୀ ଏବଂ ଅନ୍ୟାନ୍ୟ ବନବାସୀଙ୍କ ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ଆଇନ ଅନୁସାରେ ଜଙ୍ଗଲ ଜମିର ପଟ୍ଟା ପ୍ରଦାନ, ବେଚ୍ଛାପରି ଗାଁ ଗୁଡିକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ, ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କୁ ମହାବିଦ୍ୟାଳୟ ଗୁଡିକରେ ସିଟ ର ଅଭାବ ହେଉଥିବାରୁ ସିଟ ସଂଖ୍ୟା ବୃଦ୍ଧି କରିବା , ଏଟ୍ରୋସିଟି କେଶ ରେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା, ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରିବା, ଆଦିବାସୀ ମାନଙ୍କ ପାଇଁ ଖାଲି ପଡ଼ିଥିବା ପଦବୀ ଗୁଡିକୁ ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟାରେ ପୂରଣ କରିବା ପାଇଁ ମଧ ବକ୍ତା ମାନେ ସରକାର ଦୃଷ୍ଟି ଦେବାକୁ ଦାବୀ କରିଥିଲେ।

ସଭାରେ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବ୍ରଜ ମୋହନ ବିଶୋଇ, ଜ଼ିଲ୍ଲା ସଭାପତି ଶ୍ୟାମ ସୁନ୍ଦର ଭୋଇ, ବ୍ଲକ ସଭାପତି ପାଳେଶ୍ୱର ଭୋଇ, ସଇଁତଲା ବ୍ଲକ ସଭାପତି ସନ୍ତୋଷ ପୁଟା, ଲୋଇସିଂହା ବ୍ଲକ ସଭାପତି ଦଶରଥ ଛତ୍ରିଆ, ଦେଓଗାଁ କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆ, ବଲାଙ୍ଗିର ନଗର ସଭାପତି ରାମଚନ୍ଦ୍ର ମୁର୍ମୁ, ଉପସଭାପତି ରାଜା ଭୋଇ, ଗୋପାଳ ପ୍ରଧାନ, ଅଚ୍ୟୁତ ଧରୁଆ, ସୁଦାମ ବରିହା, ବିସିକେଶନ ମିର୍ଦ୍ଧା ପ୍ରମୁଖ ମଂଚାସିନ ଥିଲେ। ପାଟଣାଗଡ ବ୍ଲକ ଯୁଗ୍ମ ସମ୍ପାଦକ ଗିରିଧାରୀ ଭୋଇ ସଭା ପରିଚାଳନା କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ଅକ୍ଟୋବର ୩୧**

# ଗୁରୁ - ନିର୍ବାଚନ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି । ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି । ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ । ଗୁରୁଙ୍କର ଗୋଟିଏ ମଧ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ । ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ । ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି – ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ । ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ । ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା । ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ । ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି । ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା ? ସେ ପ୍ରବୃତ୍ତି ଅଭିଭୂତିର ଉର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା ? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା ? ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ । ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ । ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି । ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ କିଛି ଯାଏ ଆସେ ନାହିଁ । ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୂରାବସ୍ଥା ଆଉ କ'ଣ କିଛି ହୋଇପାରେ ?

ଗୁରୁ ମାନେ ହିଁ ସଦ୍‌ଗୁରୁ ବା ଆଚାର୍ଯ୍ୟ । ଗୁରୁ ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତ ବିଗ୍ରହ । ସେ ହିଁ ରୂପାୟିତ ଈଶ୍ୱର ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି ବୃଦ୍ଧିର ପରମ ଅମୃତପଥ, ସମସ୍ତ ଦ୍ୱନ୍ଦ ଭିତରେ ଅନ୍ୱୟୀ ସ୍ୱାର୍ଥକତାର ସାରକେନ୍ଦ୍ର ।

ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ । ପ୍ରଥମତଃ ଦେଖିବାକୁ ହୁଏ – ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ? ଦ୍ୱିତୀୟତଃ ଦେଖିବାକୁ ହୁଏ – ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି ? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ । ଆଉ ଚତୁର୍ଥ ଜିନିଷ ହେଲା – ଗୁରୁଙ୍କ କଥା ଓ କାମରେ ସଙ୍ଗତି । ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି । ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ – କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି ।

ପ୍ରବୃତିବିଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ । ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ । ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୂତି ଓ କ୍ଷମତା । ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ । ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ । ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ । ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ ସିଏ । ସେମାନଙ୍କ ମଧରେ କୌଣସି ପ୍ରଭେଦ ନାହିଁ । ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ । କଥା ପ୍ରସଙ୍ଗରେ କଳ୍କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ – ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର । ଯେତେ ଦେହରେ, ଯେତେ ରୂପରେ, ଯେତେ ଥର ହିଁ ସେ ଆସନ୍ତୁ, ସେ ଜଣେ ହିଁ । ଈଶ୍ୱର ଯେପରି ଏକ ଓ ଅଦ୍ୱିତୀୟ, ଅବତାର ପୁରୁଷମାନେ ମଧ ସେହିପରି ଏକ ଓ ଅଦ୍ୱିତୀୟ । ଅବତାର ପୁରୁଷମାନଙ୍କ ମଧରେ ଭେଦ କରିବା ମହା ପାପ । ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ କୌଣସି ଭୁଲ ଭ୍ରାନ୍ତି ନାହିଁ । ତେବେ ତାଙ୍କର ସବୁ ଆଚରଣର ଅର୍ଥ ଆମ୍ଭେମାନେ ହୁଏତ ଠିକ୍ ଭାବରେ ବୁଝି ପାରୁ ନାହୁଁ । ତାହା ମଧ ବୁଝି ପାରିବୁ ଯଦି ତାଙ୍କ ପାଖରୁ ପଚାରି ଜାଣି ନେଉ । କାହାଙ୍କୁ ଗୁରୁ ବୋଲି ଗ୍ରହଣ କରିବା ଆଗରୁ ହିସାବ କରି ଗ୍ରହଣ କରିବା ଭଲ । କିନ୍ତୁ ଗୁରୁ ବୋଲି ଗ୍ରହଣ କରିବା ପରେ ଶ୍ରଦ୍ଧା ସହକାରେ ଅନୁସରଣ କରିବାକୁ ହୁଏ । କିନ୍ତୁ କେହି ଯଦି ଅବତାର ବା ବେତ୍ତା ଗୁରୁ ନ ହୁଅନ୍ତି ତାଙ୍କର ଉଚିତ୍ ନିଜକୁ ଦୀକ୍ଷା-ଉପଦେଷ୍ଟା ବା ଋତ୍ୱିକ୍ ବୋଲି ପରିଚିତ କରି ପୂର୍ବତନ ବେତ୍ତା ଗୁରୁଙ୍କୁ ଗୁରୁ ହିସାବରେ ଦେଖାଇ ଦେବା ଓ ସେହି ସଙ୍ଗେ ସଙ୍ଗେ ଜୀବନ୍ତ ସଦ୍‌ଗୁରୁ ବା ବେତ୍ତା ପୁରୁଷଙ୍କୁ ପାଇଲେ ତାଙ୍କୁ ଗ୍ରହଣ କରିବାକୁ କହିବା ଉଚିତ୍ ।

ଭଗବାନ୍ ଯୀଶୁ କହିଛନ୍ତି – ମୋ ମାଧ୍ୟମ ବ୍ୟତୀତ କେହି ପରମ ପିତାଙ୍କ ପାଖକୁ ଆସିପାରିବେ ନାହିଁ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି – ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ବୈଷ୍ଣବ ଶାସ୍ତ୍ରରେ ଅଛି – କୃଷ୍ଣଙ୍କର ଯେତେ ଲୀଳା ସର୍ବୋତ୍ତମ ନରଲୀଳା, ନରବପୁ ତାଙ୍କର ସ୍ୱରୂପ, ଗୋପ ବେଶ ବେଣୁକର, ନବ କିଶୋର ନଟବର, ନରଲୀଳା ହୁଏ ଅନୁରୂପ । କୋରାନ୍‌ରେ ଅଛି ପ୍ରେରିତଙ୍କୁ ବାଦ୍ ଦେଇ ଈଶ୍ୱରଙ୍କର ଉପାସନା ହୁଏ ନାହିଁ । ବୌଦ୍ଧ ଧର୍ମରେ ଅଛି – ବୁଦ୍ଧଂ ଶରଣଂ ଗଚ୍ଛାମି । ତେଣୁ ମୂଳ କଥା ହେଲା – ଆଦର୍ଶଙ୍କ ନିର୍ବାଚନ ବା ଗୁରୁ ନିର୍ବାଚନ । ସଦ୍‌ଗୁରୁ ହିଁ ଚିରୋପାସ୍ୟ ଓ ଚିର ବନ୍ଦନୀୟ ।

ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟକୁ କହି ଦେବା ଉଚିତ୍ – ମୁଁ ଯାହା ଜାଣେ ତାହା ତୁମକୁ କହିଲି । କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତମଙ୍କର ସନ୍ଧାନରେ ରୁହ । ତାଙ୍କୁ ପାଇଲେ କୌଣସି ପ୍ରକାରେ ହିଁ ଛାଡ଼ ନାହିଁ । ସେହିଭଳି କାହାକୁ ପାଇଲେ ମୋତେ ମଧ ଜଣାଅ । ମୁଁ ମଧ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଏସ୍.ସି.ବି. ମେଡ଼ିକାଲ କଲେଜ, କଟକ,*
*ମୋବାଇଲ୍-୯୪୩୭୦୫୧୯୫୭*

# ବେଳାଭୂମି ଓ ନିରାପଦ ସ୍ନାନ



ନିରଞ୍ଜନ ସାହୁ

ନିକଟରେ ସମୁଦ୍ରକୁ ଗାଧୋଇ ଯାଇଥିବା ବେଳେ ତିନିସାଙ୍ଗଙ୍କ ଭିତରୁ ଜଣକର ମୃତ୍ୟୁ ହୋଇଥିବା ଖବର ଆସିଛି ପୁରୀରୁ । ସେମାନେ ସମସ୍ତେ ଥିଲେ ଇଞ୍ଜିନିୟରିଂ ପଢୁଥିବା ଛାତ୍ର । କେତେ ସ୍ୱପ୍ନ ସେମାନେ ଦେଖିଥିବେ ନିଜ ପାଇଁ ତଥା ସେମାନଙ୍କର ପରିବାରବର୍ଗ ଓ ବନ୍ଧୁବାନ୍ଧବ ଏବଂ ଶୁଭେଚ୍ଛୁ ଦେଖିଥିବେ ସେମାନଙ୍କ ପାଇଁ । ସେଇ ଅପୂରଣୀୟ ସ୍ୱପ୍ନମାନେ ତାଙ୍କର ପିତାମାତାଙ୍କୁ ଜୀବନଯାକ ଘାରୁଥିବ । ଅକାଳ ମୃତ୍ୟୁର ପାଶରୁ ଯିଏ ଉତୁରି ଗଲେ ସେମାନେ ନିଜର କୌଶଳ ପାଇଁ ବଂଚିଗଲେ ଏବଂ ଦିବଂଗତ ବନ୍ଧୁଜଣକ ଭାଗ୍ୟଦୋଷରୁ ମୁକୁଳି ପାରିଲେ ନାହିଁ ଅକସ୍ମାତ୍ ଅଣାୟତ୍ତ ଲହଡ଼ିର ପ୍ରାଦୁର୍ଭାବରୁ ।

ଯେତେ ପର୍ଯ୍ୟଟନ ସ୍ଥଳ ଆମ ରାଜ୍ୟରେ ରହିଛି ତା ଭିତରୁ ପୁରୀ ସର୍ବାଗ୍ରେ । ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ପୁରୀ ବେଳାଭୂମିରେ କିଛି ସମୟ ବସି କ୍ଳାନ୍ତି ଅପନୋଦନ କରିବା କିମ୍ବା ସନ୍ତରଣର ମଜା ନେବା ପାଇଁ ପର୍ଯ୍ୟଟକମାନେ ଏଠାକୁ ଛୁଟି ଆସିଥାନ୍ତି ସବୁଦିନ । ଅନେକ ପର୍ଯ୍ୟଟନ ସ୍ଥଳ ଅଛି ଯେଉଁଠି ନିର୍ଦ୍ଦିଷ୍ଟ ଋତୁରେ ଲୋକ ଗହଳି ଲାଗେ; ମାତ୍ର ପୁରୀ ସେଥିରୁ ବ୍ୟତିକ୍ରମ ଏଇଥିପାଇଁ ଯେ ବର୍ଷସାରା ଏଠାରେ କୌଣସି ଦିନ ଫାଙ୍କା ପଡ଼େ ନାହିଁ ।

ଗାଧୋଇବା ସମୟରେ ପୁରୀ ସମୁଦ୍ରରେ ପର୍ଯ୍ୟଟକଙ୍କର ମୃତ୍ୟୁ ଏତେ ସାଧାରଣ ଘଟଣା ହୋଇଗଲାଣି ଯେ ଏହା ସାଧାରଣ ଲୋକଙ୍କ ଭିତରେ ଯେତିକି ଭୟ ବା ସତର୍କତା ସୃଷ୍ଟି କରିବା କଥା ତାହା କରୁନାହିଁ । ଏହାକୁ ଅନେକ ଏକ ଦୁର୍ଘଟଣା କହି ଏଡ଼ାଇ ଯାଉଛନ୍ତି; ମାତ୍ର ଏହା ଆମର ସାମଗ୍ରିକ ଭାବନାକୁ ଯେତିକି ପୀଡ଼ା ଦେବା କଥା ତାହା ଦେଉନାହିଁ । ତାର କାରଣ ହେଲା ଯକ୍ଷଙ୍କ ପ୍ରଶ୍ନରେ ଯୁଧିଷ୍ଠିରଙ୍କ ଭଳି – 'ଅହନି ଅହନି ଭୂତାନି ଗଚ୍ଛନ୍ତି ଯମ ମନ୍ଦିରଂ ଶେଷାଃ ଚରତ୍ୱମିଚ୍ଛନ୍ତି କିମାଶ୍ଚର୍ଯ୍ୟମଥଃପରମ୍' ସବୁଦିନ ହଜାର ହଜାର ଲୋକଙ୍କର ମୃତ୍ୟୁ ହେବା ସତ୍ତ୍ୱେ ଅନେକ ଭାବନ୍ତି ମୃତ୍ୟୁ ତାଙ୍କ ନିକଟକୁ ଆସିବ ନାହିଁ ଏବଂ ସେମାନେ ବେଫିକର ହୋଇଯାନ୍ତି । ବେଳେ ବେଳେ ଅପ୍ରତ୍ୟାଶିତ ଭାବରେ ନିଜେ ଦୁର୍ଘଟଣାର ଶିକାର ହୁଅନ୍ତି । ପୁରୀଠାରେ ବାର୍ଷିକ କେତେ ଲୋକ ସମୁଦ୍ରରେ ସନ୍ତରଣରତ ଭାବେ ସ୍ୱର୍ଗାରୋହଣ କରନ୍ତି ତାର ସରକାରୀ ହିସାବ ଆପଣ ପଚାରିଲେ ଉତ୍ତର ଆସିପାରେ ଅନୁସନ୍ଧାନ ଚାଲିଛି; ମାତ୍ର ବଡ଼କଥା ହେଲା କାହିଁକି ଏତେ ଲୋକ ମରୁଛନ୍ତି । ସ୍ଥାନୀୟ ଲୋକଙ୍କର ଅସମର୍ଥିତ ସୂତ୍ରରୁ ଏଠାରେ ବାର୍ଷିକ ଶହେ ପାଖାପାଖି ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି ଏବଂ ଯେଉଁମାନେ ଅକାଳରେ ଝଡ଼ିଯାଉଛନ୍ତି ସେମାନଙ୍କ ଭିତରୁ ଅନେକ ଯୁବକ ଶ୍ରେଣୀୟ । ଯୁବତୀଙ୍କ ତୁଳନାରେ ଯୁବକ ମୃତକଙ୍କ ସଂଖ୍ୟା ଖୁବ୍ ବେଶୀ ସୂଚେଇ ଦିଏ ଯେ ନାରୀମାନେ ଜୀବନ ବିଷୟରେ ଅଧିକ ସଚେତନ ।

ସମୁଦ୍ର ଜଳ ସାଧାରଣତଃ ଅସ୍ଥିର ଏବଂ କୂଳ ନିକଟରେ ଯେଉଁ ଜୁଆର ଆସେ ତାହାଠାରେ ଥାଏ ଆଶା ଠାରୁ ବହୁ ବ୍ୟତିକ୍ରମ । କେତେ ବେଳେ କେତେ ବଡ଼ ଜୁଆର ଆସିବ ତାହା ଜାଣିବା କଷ୍ଟ ବିଶେଷତଃ ଯେଉଁମାନେ ଦିନେ ଅଧେ ପାଇଁ ସମୁଦ୍ର ନିକଟକୁ ଆସିଥାନ୍ତି ସେମାନେ ତାହା ଜାଣିବାର ସାମାନ୍ୟତମ ଅବକାଶ ନାହିଁ ।

ସମୁଦ୍ରର ଥାଏ ଏକ ଆକର୍ଷଣ । ଆପଣ ତା ପାଖକୁ ଗଲେ କେତେବେଳେ ପାଣି ପାଖକୁ ଚାଲିଯିବେ ନିଜେ ଜାଣିପାରିବେ ନାହିଁ । ଅବଶ୍ୟ ସମୁଦ୍ର ପାଖକୁ ଗଲେ ସମୁଦ୍ରକୁ ନ ଛୁଇଁ ଫେରିଲେ ସମୁଦ୍ର ଦର୍ଶନ ଅସଂପୂର୍ଣ୍ଣ ହେଲା ବୋଲି କିଛି ପ୍ରାଚୀନ ମତ ଅଛି । ସେଇ ଛୁଇଁବା ପ୍ରକ୍ରିୟାରେ ଆପଣ ଟିକିଏ ଭିତରକୁ ଚାଲିଯିବେ । ଜୋର୍ ଆସିଥିବା ଲହଡ଼ିରେ ଆପଣଙ୍କର ଲୁଗା ଭିଜିଯିବ । ଯଦି ଆଣ୍ଠୁଯାଏ ଲୁଗା ଭିଜିଯାଏ ତାହେଲେ ଜାଣିବେ ସତର୍କ ଘଣ୍ଟି ବାଜିଲା । ଯଦି ଆପଣଙ୍କୁ ଟିକିଏ ଅଧିକ ଉଲ୍ଲାସ ଅନୁଭବ ହେବ ତେବେ ଆପଣ ବିପଦ ଆଡ଼କୁ ମୁହାଁଉଛନ୍ତି ବୋଲି ନିଶ୍ଚିତ ହେବେ ।

ବିଦେଶରେ ସମୁଦ୍ର କୂଳରେ ହଜାର ହଜାର ଶ୍ୱେତାଙ୍ଗ ସମୁଦ୍ର ସ୍ନାନରେ ନିମଗ୍ନ ଥିବା ଆପଣ ହୁଏତ ଦେଖିଥିବେ କିମ୍ବା ଅତିକମ୍‌ରେ ଟିଭି ପରଦାରୁ ବା ହ୍ୱାଟ୍‌ସଆପ୍ ଭିଡ଼ିଓରୁ ତାକୁ ପରଖିଥିବେ । ହେଲେ ସେମାନେ ଏପରି ଉପକୂଳ ବାଛିଥାନ୍ତି ଯେଉଁଠି ଲହଡ଼ି ପ୍ରଖର ନଥାଏ । ତା'ଛଡ଼ା ସେମାନେ ସନ୍ତରଣ ପଟୁ । ତୃତୀୟତଃ ସେଠାରେ ଉଦ୍ଧାରକାରୀ ଦଳ ମହଜୁଦ୍ ହୋଇ ରହିଥାନ୍ତି । ଆପଣ ଯଦି ଥାଇଲାଣ୍ଡର କୋରାଲ ଥାଇଲାଣ୍ଡ ବା ଫାଇ ଫାଇ ଥାଇଲାଣ୍ଡ ଅଥବା ମାୟା ବେ ଭ୍ରମଣ କରିଥିବେ ଆପଣ କେବଳ ସେଠାକାର ସୌନ୍ଦର୍ଯ୍ୟରେ ବିମୋହିତ ହୋଇନଥିବେ, ସେଠାକାର ଅଗଭୀର ସମୁଦ୍ର ଏବଂ ଛୋଟ ଛୋଟ ଢେଉ ଭିତରେ ସନ୍ତରଣ ଆନନ୍ଦ ଦାୟକ ଏବଂ ନିରୁପଦ୍ରୁତ ବୋଲି ନିଶ୍ଚିତ ହୋଇଥିବେ ।

ଆଗ କାଳରେ ଆମମାନଙ୍କ ପରି ଅନେକ ପିଲାଦିନେ ଗାଁ ପୋଖରୀରେ ଗାଧୋଇଲା ବେଳେ ପହଁରିବା ଶିଖିଥିଲେ ଏବଂ ଅଭ୍ୟାସ ବଳରେ ନିଜର ଆତ୍ମବିଶ୍ୱାସ ସୃଷ୍ଟି ହୋଇଥିଲା ଯେ ଆମେ ନିରାପଦରେ ପହଁଚି ପାରିବୁ; ମାତ୍ର ଆଜିକାଲି ସହରବାସୀଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି । ସହରରେ କେଉଁଠି ବା ସନ୍ତରଣ ପାଇଁ ପର୍ଯ୍ୟାପ୍ତ କ୍ଷେତ୍ର ଅଛି ଯେ ! ଅନେକଙ୍କୁ ନିଜ ନିଜର ଘରେ ସ୍ନାନାଗାର ଭିତରେ ଗାଧୋଇବାକୁ ହୁଏ । ସେମାନେ ପହଁରିବା ଆଦୌ ଜାଣି ନଥାନ୍ତି । ଯେଉଁମାନେ କ୍ଲବକୁ ଯାଇ ସୁଇମିଂ ପୁଲ୍‌ରେ ପହଁରା ଶିଖନ୍ତି ସେମାନଙ୍କ ପାଇଁ ତାହା ଏକ ସୌଖୀନ କଳା । ସେମାନେ ସେଇ ଶିକ୍ଷାରୁ ସମୁଦ୍ର ପହଁରା କରିପାରିବେ ତାହା ସଂପୂର୍ଣ୍ଣ ଭ୍ରମାତ୍ମକ । ସ୍ଥିର ଜଳରେ ପହଁରିବା ଏବଂ ସମୁଦ୍ର ଜଳରେ ଅସ୍ଥିର ଜୁଆର ଭିତରେ ନିଜକୁ ବଂଚାଇବା ଦୁଇଟା ଭିତରେ ଆକାଶ ପାତାଳ ଫରକ୍ ।

ବିଦେଶରେ ଯେଉଁ ଅଞ୍ଚଳରେ ପର୍ଯ୍ୟଟକମାନେ ସ୍ନାନ କରନ୍ତି ତାର ଏକ ସୀମା ନିର୍ଦ୍ଧାରିତ ହୋଇଥାଏ ଏବଂ ଯଦି କୌଣସି କାରଣରୁ କେହି ସାମାନ୍ୟ ଦୂରକୁ ଚାଲିଯାଏ ସିଏ ସେଇ ତାର ବାଡ଼ ପାଖରେ ଅଟକି ଯାଏ ଓ ତୁରନ୍ତ ଅପେକ୍ଷାରତ ସାହାଯ୍ୟକାରୀ ଦଳ ତାଙ୍କୁ ଆଶ୍ୱସ୍ତ କରନ୍ତି । ପୁରୀରେ ସି ଗାର୍ଡ଼ ବା ସମୁଦ୍ର ରକ୍ଷୀ ନାହାନ୍ତି ସେମିତି କିଛି ନୁହେଁ; ମାତ୍ର ସେମାନେ ସେତିକି ଦକ୍ଷ ହୋଇପାରୁନାହାନ୍ତି କିମ୍ବା ସେମାନଙ୍କୁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ମୁତୟନ କରାଯାଇ ଦାୟିତ୍ୱ ନ୍ୟସ୍ତ କରାଯାଉନାହିଁ । ପୁରୀରେ ଦୀର୍ଘ ଉପକୂଳ ଥିବାରୁ ଏଥିରୁ ଅଳ୍ପ କିଛି ସ୍ଥାନରେ ସନ୍ତରଣକୁ ପ୍ରଶାସନ ତରଫରୁ ଅନୁମତି ଦିଆଯିବା ଉଚିତ । ତାହାହେଲେ ହୁଏତ ପର୍ଯ୍ୟଟକଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇ ପାରନ୍ତା । ସି ଗାର୍ଡ଼ମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେଲେ ସେମାନେ ଅଧିକ ଦକ୍ଷତା ପ୍ରତିପାଦନ କରିପାରନ୍ତେ ।

କିଛି ବର୍ଷ ପୂର୍ବେ ବହୁସଂଖ୍ୟକ ଶ୍ୱେତାଙ୍ଗ ପୁରୀକୁ ଆସୁଥିଲେ । ଏବେ ସେମାନଙ୍କର ଉପସ୍ଥିତି ନଗଣ୍ୟ । ନାହିଁ କହିଲେ ଚଳେ । ସେମାନେ ଆଗରୁ ଆମର ପଶ୍ଚିମାଞ୍ଚଳର ବନବାସୀ ଇଲାକାକୁ ଆସି ପୁରୀ ଆସିଯାଉଥିଲେ । ସେଠାରେ କିଛି ବର୍ଷ ତଳେ ନକ୍‌ସଲ ଉପଦ୍ରବରେ କିଛି ବିଦେଶୀ ପର୍ଯ୍ୟଟକ ଅପହୃତ ହେବା ପରେ ସରକାର କିଛି ନିର୍ଦ୍ଦିଷ୍ଟ ନିୟମ ପ୍ରଣୟନ କଲେ ଯାହା ଫଳରେ ସେମାନେ ଓଡ଼ିଶା ଭ୍ରମଣ ନ୍ୟୁନତମ ସ୍ତରକୁ ଖସିଗଲା । ସେମାନଙ୍କୁ କିଛି ଲୋକ ହଇରାଣ ହରକତ କଲେ ବୋଲି ମଧ ଅଭିଯୋଗ ହୁଏ । ପର୍ଯ୍ୟଟକମାନଙ୍କୁ 'ଅତିଥି ଦେବୋ ଭବଃ' ଭଳି ବାଣୀ ଉଚ୍ଚାରଣ କଲେ ସେମାନେ ଆମ ରାଜ୍ୟକୁ ଆସିବେ ନାହିଁ । ସୁରକ୍ଷା, ଉତ୍ତମ ବ୍ୟବହାର ସାଙ୍ଗକୁ ଅନୁରୂପ ବ୍ୟବସ୍ଥା କଲେ ସେମାନେ ଯାଇ ଆସନ୍ତେ ।

ସନ୍ତରଣ ଏକ ଅତ୍ୟନ୍ତ ଆବଶ୍ୟକ କଳା । ଆମ ଜୀବନରେ କେତେବେଳେ ତାହା ଦରକାର ହେବ ଆଗତୁରା କହି ହେବନି । ବିଶେଷତଃ ପାଣିପାଗ ପରିବର୍ତ୍ତନ ଫଳରେ ଆଗରୁ ଯେଉଁଠି ସବୁବେଳେ ଶୁଖାପଡୁଥିଲା ସେଠି ହଠାତ୍ ଅକାତକାତ ପାଣି ବର୍ଷିଯାଉଛି କେଇ ଘଣ୍ଟା ଭିତରେ । ସେଥିପାଇଁ ସତର୍କତା ସହିତ ସମସ୍ତେ ସନ୍ତରଣ ଶିଖିବା ଜରୁରୀ । ସନ୍ତରଣ ବିଷୟରେ ଆମେ କେତେ ଗପ ପଢ଼ିଛନ୍ତି । ବିଶେଷତଃ ଶ୍ରୀ ରାମକୃଷ୍ଣ ପରମହଂସ ତାଙ୍କର ଶିଷ୍ୟମାନଙ୍କୁ କହିଥିବା ଗପ –

ଥିଲେ ଜଣେ ପଣ୍ଡିତ ଯିଏ ନିଜ ଗ୍ରାମକୁ ଫେରୁଥିଲେ ଭାଷଣ ସାରି । ନଦୀର ଗୋଟିଏ ପଟରେ ଅପେକ୍ଷା କରି ଭାରି ରୁକ୍ଷ ହେଲେ କାରଣ ନାଉରିଆ ପିଲା ନଦୀର ଆରପଟରେ ଥିଲା । ସେ ଫେରୁ ଫେରୁ ତା ଉପରେ ବର୍ଷିଗଲେ ମହୋଦୟ । ନିଜ ପାଣ୍ଡିତ୍ୟ ଦେଖାଇ ଗୀତା ଭାଗବତରୁ ଶ୍ଳୋକ ବୋଲିଲେ, ପଚାରିଲେ କିଛି ବୁଝିପାରୁଛିକି ବି ବିଚରା ନାଉରିଆ । ଅଶିକ୍ଷିତ ନାଉରିଆ ମୁଣ୍ଡ ହଲାଇ ନାସ୍ତିବାଣୀ ଜଣାଇବାରୁ ତାକୁ ତାଚ୍ଛଲ୍ୟ କରି କହିଲେ ସେ କେମିତି ଜାଣିବ ପଣ୍ଡିତଙ୍କ ମହିମା । ଯେହେତୁ ଶାସ୍ତ୍ର ଅଧ୍ୟୟନ କରିନାହିଁ ତା ଜୀବନ ମୂଲ୍ୟହୀନ ହୋଇଯାଇଛି । ଏତିକି ବେଳେ ପବନ ବହିବାରୁ ପଣ୍ଡିତେ ଟଳମଳ ହେଲେ । ନାଉରିଆ ପଚାରିଲା, କଣ ଆପଣ ଏତେ ଭୟ କରୁଛନ୍ତି ଯେ ! ପଣ୍ଡିତ କହିଲେ ସାରା ଜୀବନ ଶାସ୍ତ୍ର ଅଧ୍ୟୟନ କରି କରି ସମୟ ଗଲା ସେ ସନ୍ତରଣ ଶିଖିଲେ କେତେବେଳେ । ନାଉରିଆ କହିଲା, ଆଜ୍ଞା ପବନ ବଢୁଛି । ଏବେ ଆପଣଙ୍କ ଜୀବନର ମୂଲ୍ୟ କିଏ ତଉଲିବ ? କହିବା ବାହୁଲ୍ୟ ଗୋଟିଏ ଝଟକାରେ ପଣ୍ଡିତେ ନଦୀରେ ବୁଡ଼ିଗଲେ । ଯେ ଗପ ଆମେ ସମସ୍ତେ ପଢ଼ିଛନ୍ତି କିମ୍ବା ଶୁଣିଛନ୍ତି । କେତେକ ବି ମନେ ରଖିଛନ୍ତି ଆଉ କାହାକୁ କହିବା ପାଇଁ; ମାତ୍ର ନିଜେ ସନ୍ତରଣ ଶିଖିଲେଣି ତ ! ଏଭଳି ଅତ୍ୟନ୍ତ ଦରକାରୀ ଜୀବନରକ୍ଷା କୌଶଳକୁ କଣ ଭୁଲିଗଲେ ଚଳିବ !

*ଦୂରଭାଷ : ୯୪୩୮୪୮୨୯୧୧*
*(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ଅଧିକାରୀ)*

# ଯୁଦ୍ଧ ନୁହେଁ ପୁଞ୍ଜି ପତୀ ମାନଙ୍କର ସାମ୍ରାଜ୍ୟ ବାଦ୍, ବାହାନା ଆତଙ୍କବାଦ, ଧର୍ମ ଓ ସୀମା



ଡୁଇଟ୍ ଡେଭିଡ ଫିଲିପ

ଧର୍ମର ଭିଡ ଭିତରେ ଯୁଦ୍ଧ । କିନ୍ତୁ ଯୁଦ୍ଧ କେବେବି ଏକ ବିକଳ୍ପ ନୁହେଁ । 'ଯୁଦ୍ଧ ଯୁଦ୍ଧକୁ ଜନ୍ମ ଦିଏ', ଏହା ଏକ ସତ୍ୟ ଓ ପୁରୁଣା ପ୍ରବାଦ । ସାମ୍ରାଜ୍ୟବାଦ ପୃଥିବୀରେ ଇତିହାସ ହୋଇ ରହି ନାହିଁ । ଆଜିବି ରାଷ୍ଟ୍ର, ସମାଜ, ଧର୍ମ ଓ ବ୍ୟକ୍ତି ସାମ୍ରାଜ୍ୟବାଦର କ୍ଷୁଧା ଓ ଜ୍ୱାଳାରେ ଜର୍ଜରିତ । ଗଣତନ୍ତ୍ର ଓ ମାନବ ଅଧିକାରର ଯଥେଷ୍ଟ ଚର୍ଚ୍ଚା ଓ ଆଇନ ଥିଲେ ମଧ ଭୌତିକ ଓ ମାନସୀକ ସାମ୍ରାଜ୍ୟବାଦ ପାଇଁ ରାଷ୍ଟ୍ର, ସମାଜ, ଧର୍ମ ଓ ବ୍ୟକ୍ତି, ସାମ୍ରାଜ୍ୟବାଦ ଭୋକରୁ ନିଜକୁ ପ୍ରତ୍ୟାହାର କରି ପାରୁନାହାନ୍ତି । ପୁଞ୍ଜିବାଦୀ ମନୋବୃତି ସାମ୍ରାଜ୍ୟବାଦକୁ ବହୁଳ ଭାବରେ ପ୍ରାୟୋଜିତ କରୁଛି । କେବଳ ଅନ୍ତର୍ଦ୍ଦେଶୀୟ ଯୁଦ୍ଧ ନୁହେଁ, ବିଶ୍ୱବିଦ୍ୟାଳୟ ଓ ଧର୍ମ ପୀଠ ମାନଙ୍କ ମାଧ୍ୟମରେ ପ୍ରତ୍ୟେକ ରାଷ୍ଟ୍ର, ପ୍ରତ୍ୟେକ ସମାଜ, ପ୍ରତ୍ୟେକ ଧର୍ମ ଓ ବ୍ୟକ୍ତିମାନେ ସାମ୍ରାଜ୍ୟବାଦ ନୀତିକୁ ଧରି ବଞ୍ଚୁଛନ୍ତି । ସାମ୍ରାଜ୍ୟବାଦର ଶିକାର, ଆମେ ସମସ୍ତେ, କିନ୍ତୁ ଆଦିମ ଜନଜାତି, ଶିଶୁ, ମହିଳା ଓ ବୃଦ୍ଧ ସବୁଠୁ ବେଶୀ ସାମ୍ରାଜ୍ୟବାଦ ମନୋବୃତ୍ତି ଦ୍ୱାରା କ୍ଷତି ଗ୍ରସ୍ତ ହେଉଛନ୍ତି । ପ୍ରକୃତୀ ଓ ଭବିଷ୍ୟତ ପିଢ଼ି, ବିତିଗଲା ସମୟକୁ ଦୋଷ ଦେବା ବ୍ୟତୀତ ଆଉ କିଛି କରି ପାରିବେ ନାହିଁ ।ଯୁଦ୍ଧର ଭୟାବହ ରୂପ କହିଲେ ୧୯୧୯ ର ପ୍ରଥମ ବିଶ୍ୱଯୁଦ୍ଧ ଓ ୧୯୪୫ ର ଦ୍ୱିତୀୟ ବିଶ୍ୱ ଯୁଦ୍ଧକୁ ପୃଥିବୀ ବାସି ମନେ ପକାଉଛନ୍ତି ଓ ତୃତୀୟ ବିଶ୍ୱ ଯୁଦ୍ଧକୁ ଏଡ଼ାଇବା ପାଇଁ ନାସ୍ତି କରୁଛନ୍ତି । ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯେତେ ଜନ ଜୀବନ ଓ ଧନ ନଷ୍ଟ ହୋଇଛି, ଆକଳନ କଲେ ୧୯୪୫ ଠାରୁ ଆଜିଯାଏଁ ଯେତେ ଦୁଇ ପାକ୍ଷିକ ଯୁଦ୍ଧ ହୋଇଛି, ସେଥିରେ ପ୍ରଥମ ଦୁଇଟି ବିଶ୍ୱ ଯୁଦ୍ଧରୁ ପ୍ରାୟ ପଚ଼ାଶ ଗୁଣରୁ ଅଧିକ ଜନ ଜୀବନ ଓ ଧନର କ୍ଷୟ କ୍ଷତି ହୋଇ ସାରିଲାଣି । ପ୍ରଥମ ବିଶ୍ୱଯୁଦ୍ଧ ରେ ୧୭ ମିଲିୟନ ଲୋକ ମରିଥିଲେ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପ୍ରାୟ ୫୦-୮୦ ମିଲିୟନ ଲୋକ ମରିଥିଲେ । ଦୁଇ ଦେଶ, ଦୁଇ ଜାତି, ଦୁଇ ଧର୍ମ, ଦୁଇ ରଙ୍ଗର ଭିତରେ ଘୃଣା ଓ ବିବାଦ କେତେ ଖୋକଲା, ଯୁକ୍ତି ଓ ଅର୍ଥ ବିହୀନ ତାହା ଦୁଇ ଦେଶ, ଦୁଇ ଜାତି, ଦୁଇ ଧର୍ମ, ଦୁଇ ରଙ୍ଗର ଲୋକ ଭିତରେ ରକ୍ତ ଦାନ ଓ ଅଙ୍ଗ ଦାନ ଓ ଗ୍ରହଣରୁ ସ୍ୱଷ୍ଟ ହୋଇ ଯାଉଛି । ଯୁଦ୍ଧ, ମଣିଷ ଜଙ୍ଗଲରୁ ସଂଗ୍ରହ କରି ବଞ୍ଚିବା ଦିନଠୁ ଶିଳ୍ପ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ପ୍ୟାକେଟ ଖାଦ୍ୟ ଓ ପାଣି କିଣି ବା ଯାଏଁ ଚ଼ାଲି ରହିଛି ଓ ଚ଼ାଲୁ ରହିବ ଯେତେଦିନ ଯାଏଁ ପୃଥିବୀରେ ଖାଉଟି ବାଦ୍ ରହିଥିବ । ମନସ୍ତାତ୍ତ୍ୱିକ ମାଶ୍‌ଲୋଙ୍କ ମଣିଷର ନିଡ ବା ମୌଳିକ ଆବଶ୍ୟକତା ସିଦ୍ଧାନ୍ତରେ ଦର୍ଶା ଯାଇଥିବା ଚ଼ାରୋଟି ଆବଶ୍ୟକତାରୁ ମଣିଷ ବାହାରି ପଞ୍ଚମ ଆବଶ୍ୟକତା: ଆତ୍ମ ସଚେତନତାରେ ପହଞ୍ଚି ପାରୁନାହିଁ । (୧:ଶରୀର ସମ୍ବନ୍ଧୀୟ ବା physiological, ୨:ସୁରକ୍ଷା ବା ଶ୍ୱବଳରଷ୍ପଛ, ୩:ପ୍ରେମ ଓ ମୋର ଭାବନା ବା କ୍ଷକ୍ଟୁଙ୍ଗର ବଭୟ ଭରକ୍ଷକ୍ଟଭଶସଭଶ, ୪:ସମ୍ମାନ ବା ରଷ୍ଟସ୍ପରରଙ୍କ ବଭୟ ୫: ଆତ୍ମ ସଚେତନତା ବା self-actualization).ବର୍ତ୍ତମାନ ଇସ୍ରାଏଲ ଓ ପାଲେଷ୍ଟାଇନ ଓରଫ ହାମାଶ ଯୁଦ୍ଧରେ କେବଳ ଦୁଇଦେଶର ଭୌତିକ ଭୂମି ଅଧିଗ୍ରହଣ ପାଇଁ ଯୁଦ୍ଧ ଏହା ପୃଥିବୀ ବାସୀଙ୍କ ଆଖିରେ ଦିଶୁଛି କିନ୍ତୁ, ଏହାର ଆଢୁଆଳରେ ପ୍ରତ୍ୟେକ ଦେଶ ଓ ଦେଶବାସୀଙ୍କ ସ୍ୱାର୍ଥଯେ ଲୁଚ଼ି ରହିଛି ତାହା ସର୍ବ ସାଧାରଣରେ ଆଲୋଚ଼ନା ହୋଇ ପାରୁନାହିଁ । ଯୁଦ୍ଧକୁ ଦେଖି ଅନେକ ପ୍ରଶ୍ନ ଉଠୁଛି ଯେପରି, ଭାରତ ଆଗରୁ ପାଲେଷ୍ଟାଇନକୁ ସମର୍ଥନ କରୁଥିଲା ଆଜି କାହିଁକି କରୁନାହିଁ ? ଇସ୍ରାଏଲକୁ ଆମେରିକା, କାନାଡା ଓ ୟୁରୋପର ଅଧିକାଂଶ ଦେଶ କାହିଁକି ଧନ ଓ ଉପକରଣ ଦେଇ ସମର୍ଥନ କରୁଛନ୍ତି ? ଏହି ଯୁଦ୍ଧ ତୃତୀୟ ମହା ଯୁଦ୍ଧକୁ କାହିଁକି ମୁହାଇବ ? ଋଷିଆ ଓ ଚ଼ିନ୍ କାହିଁକି ପାଲେଷ୍ଟାଇନ କୁ ସମର୍ଥନ କରିବେ ? ଇସ୍ରାଏଲ୍ କାହିଁକି ୧୯୪୮ ରେ ଯାଇ ରାଷ୍ଟ୍ରର ମାନ୍ୟତା ପାଇଲା ? ଇସ୍ରାଏଲ ଓ ପାଲେଷ୍ଟାଇନର ଯୁଦ୍ଧକୁ ତିନୋଟି ଧର୍ମର ଧର୍ମଯୁଦ୍ଧ ବୋଲି କାହିଁକି କୁହାଯାଉଛି ? କାହାକୁ ଯିରୁଶାଲମ୍ ମନ୍ଦିର ମିଳିବା ଉଚ଼ିତ୍ ? ମୁସଲମାନ ମାନେ ବା ହାମାଶ କାହିଁକି ଯିରୁସାଲେମ୍ ଓ ଇସ୍ରାଏଲ ଦେଶକୁ ଅଧିକାର କରିବାକୁ ଚ଼ାହାନ୍ତି ? ଏସବୁ ପ୍ରଶ୍ନ କେବଳ ଶିଶୁ ମାନେ ନୁହନ୍ତି, ରାଜନୀତି ଓ ଆଇନ ପାଠ ପଢ଼ି ବି ଅନେକେ ପ୍ରଶ୍ନ କରୁଛନ୍ତି । ଏହି ସ୍ତମ୍ଭ ଲେଖାରେ ଏହି ଗୁରୁତର ପ୍ରଶ୍ନର ଗୁଡ଼ିକର ଉତ୍ତର ଦେବାର ଚେଷ୍ଟା କରାଯାଇଛି ।

ପ୍ରଥମେ ବୁଝିବାକୁ ହେବ ତିନୋଟି ଧର୍ମର ଆବିର୍ଭାବର ସମୟ, ସ୍ଥାନ ଓ ପ୍ରଣେତାଙ୍କ ନାମ । ଯିହୁଦୀ ଧର୍ମର ମୁଖ୍ୟ ସ୍ରୋତ ବା ନବି, ଅବ୍ରହାମ । ଅବ୍ରହାମଙ୍କ ବଂଶଧର, ମୋଷା, ପରେ ଯିହୁଦୀ ମାନଙ୍କର ରାଜା ଦାଉଦ ଓ ତାଙ୍କ ପୁତ୍ର ଜ୍ଞାନୀ ସଲୋମନ୍ । ଦାଉଦଙ୍କ ବଂଶରେ ଯୀଶୁଖ୍ରୀଷ୍ଟ, ଖ୍ରୀଷ୍ଟ ଧର୍ମର ମୂଳ, ଯିରୁସାଲେମରୁ ପ୍ରାୟ ୯.୫ କି.ମି ଦୂର ବେଥେଲିହିମରେ ୨୦୨୩ ବର୍ଷ ପୂର୍ବ ? ଯିହୁଦୀ ପରିବାରରେ ଜନ୍ମ ହୋଇ ଥିଲେ । ଯୀଶୁ ଯିରୁଶାଲେମ୍ ମନ୍ଦିରରେ ବାର ବାର ଶିକ୍ଷା ଦେଇଥିଲେ । ଯିରୁଶାଲେମ୍ ମନ୍ଦିର ପ୍ରଥମେ ରାଜା ସଲୋମନଙ୍କ ଦ୍ୱାରା ଖ୍ରୀଷ୍ଟ ପୂର୍ବ ଦଶମ ଶତାବ୍ଦୀରେ ଭବ୍ୟ ଆକୃତ୍ତିରେ ତିଆରି ହୋଇ ଥିଲା । ଏହି ମନ୍ଦିର ବାବିଲୋନ, ବର୍ତ୍ତମାନର ଇରାକ ଅଞ୍ଚଳର ସାମ୍ରାଜ୍ୟବାଦ୍ ନୀତି ଯୋଗୁଁ ଖ୍ରୀଷ୍ଟ ପୂର୍ବ ୫୮୭ ଶତାବ୍ଦୀରେ ଭାଙ୍ଗି ପଡ଼ିଥିଲା । ତା'ପରେ ଯିହୁଦୀ ମାନଙ୍କ ନେତୃତ୍ୱ ଓ ପାରସ୍ୟ, ବର୍ତ୍ତମାନର ଇରାନ ଅଞ୍ଚଳର ତତ୍ତ୍ୱାବଧାନ ଓ ଧନରେ, ଖ୍ରୀଷ୍ଟ ପୂର୍ବ ୯୫୭ ବର୍ଷରେ ପୁନଃ ନିର୍ମାଣ ହୋଇ ଥିଲା । ଏହି ମନ୍ଦିର ଦ୍ୱିତିୟ ଥର ରୋମ ସମ୍ରାଟଙ୍କ ଅଧିକାର ସମୟରେ ରୋମୀୟ ସନ୍ୟମାନଙ୍କ ଦ୍ୱାରା ୭୦ ଖ୍ରୀଷ୍ଟାବ୍ଦରେ ଭାଙ୍ଗି ଦିଆ ଯାଇଥିଲା । ସେ ଯାଏଁ ଏହା କେବଳ ଯିହୁଦୀ ମାନଙ୍କର ଧର୍ମ ପୀଠ ଥିଲା । ମହମ୍ମଦ ମୁସଲମାନ ଧର୍ମର ମୂଳ, ଖ୍ରୀଷ୍ଟଙ୍କ ଜନ୍ମ ଓ ମୃତ୍ୟୁର ପ୍ରାୟ ୫୭୦ ଖ୍ରୀଷ୍ଟାବ୍ଦ ପରେ ସାଉଦି ଆରବର ମକ୍କା ସହରରେ ଜନ୍ମ ଗହଣ କରିଥିଲେ ଓ ଯିରୁଶାଲମକୁ ମଧ ଯାଇ ପ୍ରଚ଼ାର କରିଥିଲେ ବୋଲି ବିଶ୍ୱାସ କରାଯାଏ ।ସାମ୍ରାଜ୍ୟ ବାଦ୍: ଧନ, ଜ୍ଞାନ, ପଣ, ସମୃଦ୍ଧି ଆଣିବାରେ ଓ ବିସ୍ତାର କରିବାରେ ସାହାଯ୍ୟ କରେ । ଇତିହାସରେ ସବୁଠୁ ବଡ଼ ସାମ୍ରାଜ୍ୟ ବାଦି ହେଉଛନ୍ତି ଗ୍ରୀକ୍, ରୋମୀୟ, ବାବିଲୋନିୟ, ପାରସ୍ୟ ଓ ଇଂରେଜ ମାନେ । ଜ୍ଞାନ, ଧନ ଓ ଟେକ୍ନୋଲୋଜି, ସାମ୍ରାଜ୍ୟ ବାଦ୍ ବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇ ଥାଏ । ବାରୁଦ ଓ ବନ୍ଧୁକ ଏବଂ ପରେ ଆଣବିକ ଶକ୍ତି ଯୁଦ୍ଧକୁ ଗୁଣାତ୍ମକ ଓ ଭୟାବହ କରୁଛି । ଏବେ ପୁଞ୍ଜିବାଦୀ ମାନେ ପ୍ରତ୍ୟେକ ଦେଶରେ ଏହାର ପ୍ରାୟୋଜକ ଓ ପ୍ରଭାବକ ।ଦ୍ୱିତୀୟ ଥର ଇସ୍ରାଏଲଦେଶକୁ, ୭୦ ଶତାବ୍ଦୀରେ ଆକ୍ରମଣ ଓ ମନ୍ଦିର ଭାଙ୍ଗି ଦେଲା ଉତ୍ତାରେ, ଯିହୁଦୀ ମାନେ ସାରା ପୃଥିବୀରେ ଛିନ ଛତ୍ର ହୋଇ ବିଛାଇ ହୋଇ ଗଲେ । ଯିହୁଦୀ ମାନେ ଯେଉଁ ଦେଶ ମାନଙ୍କରେ ବ୍ୟବସାୟ କରୁଥିଲେ ସେହି ଦେଶ ମାନଙ୍କୁ ଚ଼ାଲିଗଲେ । ବହୁ ପୂର୍ବରୁ ଯିରୁଶାଲେମ୍ ପ୍ରଥମେ ଯିହୁଦୀ, ଦ୍ୱିତୀୟରେ ଖ୍ରୀଷ୍ଟିଆନ ମାନଙ୍କର ଧର୍ମର ଓ ବ୍ୟବସାୟର କେନ୍ଦ୍ର ବିନ୍ଦୁ ଥିଲା । ଏହା ଭୌଗୋଳିକ ଦୃଷ୍ଟିରୁ ୟୁରୋପ, ଏସିଆ ଓ ଆଫ୍ରିକାର ମିଳନ କେନ୍ଦ୍ର । ଏହି ସ୍ଥାନରେ ସବୁ ମହାଦେଶର ଲୋକଙ୍କୁ ଦେଖିବାକୁ ମିଳେ । ଧର୍ମକୁ ବ୍ୟବହାର କରି ରୋମ ରାଜା ମାନେ, ପରେ ଆରବ ଦେଶର ରାଜା ମାନେ ଓ ପରେ ୟୁରୋପୀୟ ରାଜାମାନେ ସାମ୍ରାଜ୍ୟ ବିସ୍ତାର ନୀତିରେ, ରାଜ୍ୟ ବିସ୍ତାର କରି ଚ଼ାଲିଲେ । ଧର୍ମରୁ ପ୍ରେମ, କ୍ଷମା, ତ୍ୟାଗ ଇତ୍ୟାଦି ଭାବ ସାମ୍ରାଜ୍ୟବାଦ୍ ହରଣ କରି ନେଇଗଲା ମନେ ହୁଏ ।ପୃଥିବୀରେ ଯିହୁଦୀ ମାନେ ସ୍ୱଳ୍ପ ସଂଖ୍ୟକ ହେଲେ ସୁଦ୍ଧା, ଶିଳ୍ପ ପତି ଓ ନୋବେଲ ପୁରସ୍କୃତ ବିଜ୍ଞାନୀ । ଉଇକିପିଡ଼ିଆ ଲେଖେ, '୧୯୦୧ ରୁ ୨୦୨୩ ମଧ୍ୟରେ ନୋବେଲ ପୁରସ୍କାର ଏବଂ ବିଜ୍ଞାନରେ ନୋବେଲ ମେମୋରିଆଲ ପୁରସ୍କାର ପ୍ରାପ୍ତ ୯୬୫ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଅତି କମରେ ୨୧୪ ଜଣ ଯିହୁଦୀ କିମ୍ବା ଅତି କମରେ ଜଣେ ଯିହୁଦୀ ପିତାମାତା ଥିବା ବ୍ୟକ୍ତି ଅଟନ୍ତି, ଯାହାକି ସମସ୍ତ ପ୍ରାପ୍ତକର୍ତ୍ତାଙ୍କ ୨୨% ପ୍ରତିନିଧିତ୍ୱ କରିଥାଏ ।' ଆଜି ସବୁ ଧର୍ମରେ ଶିଳ୍ପ ପତି ଓ ପରମାଣୁ କ୍ଷମତାପୁର୍ଣ୍ଣ ଜ୍ଞାନ କୌଶଳ ରହିଛି । ସାମ୍ରାଜ୍ୟ ବାଦ୍ ଚ଼ାହେଁ ଯେକୌଣସି ଉପାୟରେବି ନିଜର ପ୍ରତିପତ୍ତି ବିସ୍ତାର କରିବା । ମିତ୍ର ଗୋଷ୍ଠୀ ହୋଇ କିମ୍ବା, ଧନ ଓ ଜ୍ଞାନର ବ୍ୟବସାୟ କରି ହେଉ, କିମ୍ବା ବ୍ୟବସାୟ ସନ୍ଧି ସ୍ଥାପନ କରି ନିଜର ପ୍ରତିପତ୍ତି ବିସ୍ତାର କରିବା ଚେଷ୍ଟା ଜାରି ରଖିଛନ୍ତି । ସାମ୍ରାଜ୍ୟ ବାଦ୍ ପିପାସା ସବୁ ଦେଶର ପୁଞ୍ଜିପତିଙ୍କ ଇଚ୍ଛା । ଏହି ପୁଞ୍ଜିପତି ମାନେ ଦେଶ ଓ ବିଦେଶର ରାଜନୀତି ଓ ଯୁଦ୍ଧକୁ ପ୍ରଭାବିତ କରୁଛନ୍ତି । ଇସ୍ରାଏଲ ଓ ପାଲେଷ୍ଟାଇନ ଓରଫ ହାମାସର ଯୁଦ୍ଧ, ସାମ୍ରାଜ୍ୟବାଦର ଯୁଦ୍ଧ ମନେହୁଏ । ଏହି ଚ଼କ୍ରବ୍ୟୁହରୁ କୌଣସି ଦେଶ ଆଉ ନିରପେକ୍ଷ ହୋଇ ରହି ପାରୁନାହାନ୍ତି । ଧର୍ମ, ଭୌଗୋଳିକ ସୀମା ଓ କ୍ଷମତା, ଆଢୁଆଳରେ ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ୍ ଏକ ନୀତି, ଯାହାକି ଠିଆ କରାଉଛି ସବୁ ସଭ୍ୟ ଓ ବିକଶିତ ରାଷ୍ଟ୍ରକୁ ଏକସ୍ୱରରେ କହିବା ପାଇଁ, 'ଯୁଦ୍ଧ ଏକ ଆବଶ୍ୟକୀୟ ଅମଙ୍ଗଳ'/ ୱାର ଇଜ୍ ଏ ନେସେସେରି ଏଭିଲ୍ ।

*ଆଇନ ଜୀବୀ ଓ ସମାଜ ସେବୀ*
*କଳାହାଣ୍ଡି, ୭୬୬୦୦୧*
*୯୪୩୭୧୦୪୩୦୩*

# ଆଦର୍ଶ ପରିବାରର ସଂଜ୍ଞା



ଶିବମ୍ ପଟ୍ଟନାୟକ

କାହିଁ କେଉଁ ଆଦ୍ୟ କାଳ ରୁ ଆମ ସନାତନ ଧର୍ମରେ ବ୍ୟକ୍ତିତ୍ୱ ଗଠନ, ସଂସ୍କାର ଶିକ୍ଷା ନିମନ୍ତେ ପରିବାର ର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚ଼ନା କରାଯାଇଛି । କଥାରେ ଅଛି – ' Family gives you roots to stand tall and strong ' ଅର୍ଥାତ୍;– ପରିବାର ଭିତରେ ହିଁ ବ୍ୟକ୍ତିର ବ୍ୟକ୍ତିତ୍ୱ ର ମୂଳଦୁଆ ପଡ଼ିଥାଏ କ୍ଷ ପରବର୍ତ୍ତୀ କାଳରେ ସବୁ ପ୍ରକାର ପରିସ୍ଥିତି କୁ ସାମ୍ନା କରିବାପାଇଁ ତା ଭିତରେ ଧୈର୍ଯ୍ୟ ଓ ସାହାସ ସ୍ୱତଃ ଜାଗ୍ରତ ହୋଇଥାଏ କ୍ଷ ଦୁନିଆର ସମ୍ମୁଖୀନ ହେବାପାଇଁ ତାହା ବ୍ୟକ୍ତିର ପୁଞ୍ଜି ରୂପରେ କାର୍ଯ୍ୟ କରେ । ତେଣୁ ପରିବାର ଭିତରେ ରହି ପ୍ରିୟ ପରିଜନଙ୍କ ସହଯୋଗ ଓ ଆଶୀର୍ବାଦ ପାଉଥିବା ବ୍ୟକ୍ତି ନିଶ୍ଚୟ ଭାଗ୍ୟବାନ ।କିନ୍ତୁ ବର୍ତ୍ତମାନ ସମୟରେ ବଢୁଥିବା ଏକକ ପରିବାରର ସଂଖ୍ୟା, ଭାତୃ ବିବାଦ, ପାରିବାରିକ କଳହ ଆଦିକୁ ପର୍ଯ୍ୟବେକ୍ଷଣ କଲେ ଲାଗେ ଆମ ପୂର୍ବଜ ମାନଙ୍କ ଦ୍ୱାରା ରାମାୟଣ ଆଦି ମହା ଗ୍ରନ୍ଥ ରେ ଦେଇଥିବା ଆଦର୍ଶ ପରିବାର ର ସଂଜ୍ଞା ଓ ଉଦାହରଣ ର କାଳାନ୍ତର ରେ ସତେ ଯେମିତି ବିଲୟ ଘଟିଛି । ପାର୍ଥିବ ସୁଖ କାମନା କରି ସେ ପଛରେ ଦୌଡ଼ି ଦୌଡ଼ି ମଣିଷ ବର୍ତ୍ତମାନ ସ୍ୱାର୍ଥ ବିଷକୁ ପାନ କରିବାରେ ବ୍ୟସ୍ତ । ଯାହାର ପରିଣାମ ହେଉଛି ସମାଜ ର ଅଧୋଗତି କ୍ଷ ବର୍ତ୍ତମାନ ସମାଜରେ ସଂସ୍କର, ସଂସ୍କୃତି, ନୈତିକ ମୂଲ୍ୟବୋଧ ଆଦିର ପତନ ଘଟୁଥିବା ର ଅଭିଯୋଗ ଆମ ଭିତରୁ ଅନେକ କରୁଛନ୍ତି; ମାତ୍ର ଅଭିଯୋଗ କରିବା ସମୟରେ ସେଥିରେ ଆମେ ମାନେ ମଧ କିଞ୍ଚିତ ମାତ୍ରାରେ ଅଂଶୀଦାର ସେ ବିଷୟରେ ବିଚ଼ରା କରିବାକୁ କିମ୍ବା ସ୍ୱୀକାର କରିବା ପାଇଁ ଆମେ ନାରାଜ । ଆଧୁନିକତା ନାଁ ରେ ଆମେ ବିଚ଼ାର ଶକ୍ତି ଶୂନ୍ୟ ହୋଇ ଅନ୍ଧ ଭଳି ପାଶ୍ଚାତ୍ୟ ସଂସ୍କୃତିର ଅନୁସରଣରେ ବ୍ୟସ୍ତ କ୍ଷ ଫଳରେ କାଳାନ୍ତର ରେ ଅନେକ କୁସଂସ୍କାର ର ଆମ ସମାଜ ମଧ୍ୟକୁ ପ୍ରବେଶ କରିସାରିଲେଣି । ବ୍ୟକ୍ତିଗତ ସ୍ୱାଧୀନତା ନାଁ ରେ ପୋଷାକ ପରିପାଟୀ , ଖାଦ୍ୟପେୟ ଭାଷା, ଚ଼ାଲିଚ଼ଳନ ରେ ଅହେତୁକ ପରିବର୍ତ୍ତନ ଆଣିବା , ପରିବାରର ସମସ୍ତଙ୍କ ଠାରୁ ଅଲଗା ହୋଇ ଏକକ ପରିବାରରେ ବାସ କରିବା ସବୁକୁ ଆମେ ପ୍ରାଧାନ୍ୟ ଦେଇଚ଼ାଲିଚେ । କହିବା ବାହୁଲ୍ୟ ଏହା ଆମ ଭବିଷ୍ୟତ ସମାଜ ପାଇଁ ବିରାଟ ଦୁର୍ଗତି କୁ ଡାକି ଆଣୁଛି । ପରମ୍ପରା କଳୁଷିତ ହେଉଛି । ସମାଜ ହେଉଛି ପଥଭ୍ରଷ୍ଟ କ୍ଷ ଆମ ସମାଜରୁ ପରିବାରର ସଂଜ୍ଞା ଏବଂ ସ୍ଥିତି ବର୍ତ୍ତମାନ ବିଲୁପ୍ତ ପ୍ରାୟ ।ପରସ୍ପର ସ୍ନେହ, ଆଦର, ପ୍ରେମ, ସୌହାର୍ଦ୍ଦ୍ୟ ପରିବାରକୁ ମର୍ତ୍ତ୍ୟ ବୈକୁଣ୍ଠ ରେ ପରିଣତ କରିଥାଏ । ଠିକ୍ ସେହିଭଳି ଯଦି ପରିବାର ସଦସ୍ୟ ସାମୁହିକ ସହାବସ୍ଥାନ କୁ ନା ପସନ୍ଦ କରନ୍ତି; ନିଜ ନିଜ ର ସ୍ୱାର୍ଥ କୁ ଗୁରୁତ୍ୱ ଦେଇ ଯୌଥ ପରିବାର ବଦଳରେ ଏକକ ପରିବାର ରେ ରହିବାକୁ ପସନ୍ଦ କରନ୍ତି ତେବେ ସେ ପରିବାର ହୁଏ ବିଶୃଙ୍ଖଳିତ । ଉତ୍ତର ଦାୟଦ ମାନେ କୁ ସଂସ୍କାରି ହୋଇ ଥାଆନ୍ତି । ତେଣୁ ଆଦର୍ଶ ପରିବାର ନିର୍ମାଣ ପ୍ରତି ସମସ୍ତେ ଯତ୍ନବାନ ହେବାର ଆବଶ୍ୟକତା ରହିଛି ।

*କଳନ୍ତିରା, ବିରିଡି, ଜଗତସିଂପୁର*
*ମୋ :୯୦୭୮୨୦୫୭୭୭*



# ମୋ ଗାଁ

## ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ଶପଥ ପାଠ ଅନୁଷ୍ଠିତ

ପୁରୀ, (ପି.ଏନ):ଚଳିତ ବର୍ଷ ଅକ୍ଟୋବର ୩୦ତାରିଖ ଠାରୁ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ସୋମବାର ପୂର୍ବାହ୍ନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରେନ୍ସ ମାଧ୍ୟମରେ ସମସ୍ତଙ୍କୁ ଶପଥ ପାଠ କରାଇଛନ୍ତି। ଦୁର୍ନୀତି ବିକାଶର ମୁଖ୍ୟ ବାଧକ। ତେଣୁ ସମ୍ମିଳିତଭାବେ ରାଜ୍ୟର ଉନ୍ନତି ପାଇଁ ଏହାର ମୂଳୋତ୍ପାଟନ କରି ବିକାଶ ପ୍ରକ୍ରିୟାରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସରକାର ଦୁର୍ନୀତି ପାଇଁ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିବା ସହ ୫ଟି ଓ ମୋ ସରକାର ମାଧ୍ୟମରେ ଦୁର୍ନୀତିକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଦୁର୍ନୀତି ନିବାରଣ କ୍ଷେତ୍ରରେ ସମଗ୍ର ଦେଶରେ ଓଡିଶା ଏକ ନମ୍ବର ସ୍ଥାନ ହାସଲ କରିଛି ବୋଲି କହିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଓସୱାନ କନଫେରନ୍ସ ହଲରେ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଡଃ ସୁରେଶ ଚନ୍ଦ୍ର ଦଳାଇ, ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ(ପ୍ରଶାସନ),ଅତିରିକ୍ତ ଜିଲ୍ଲାପାଳ କୈଳାଶ ଚନ୍ଦ୍ର



ନାୟକ(ରାଜସ୍ୱ), ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର,ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ଜେନା,ଆଦ୍ୟାଶା ରଥ, ପ୍ରିୟଦର୍ଶନୀ ମଲ୍ଲିକ, ରାକେଶ କୁମାର ପଣ୍ଡା ଏବଂ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ହୋଇ ଶପଥ ପାଠ କରିଥିଲେ। ସେଇଭଳି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ।

### ଇଂଜିନିୟରିଙ୍ଗ୍ ଛାତ୍ରଙ୍କ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜେନାପୁର,(ପି.ଏନ୍): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧିନସ୍ଥ ଇଂଜିନିୟରିଙ୍ଗ୍ ଛାତ୍ରମାନଙ୍କ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲକ୍ଷ୍ୟ ବୃକ୍ଷ ରୋପଣ ଦ୍ୱାରା ସମାଜରେ ଥିବା ତାଙ୍କ ଭଳି ଛାତ୍ରଛାତ୍ରୀମାନେ ଆଗକୁ ଆସି ଏହି ମହତ କାର୍ଯ୍ୟରେ ସାମିଲ୍ ହେବା ସହିତ ବାର୍ତ୍ତା ଦେଇଛନ୍ତି । 'ବୃକ୍ଷ ହିଁ ଜୀବନ' ଆଜିର ସମାଜରେ ବୃକ୍ଷ ବିନା ଜୀବନ ବଞ୍ଚିବା ଅସମ୍ଭବ । ବୃକ୍ଷ ନାହିଁ ବୋଲି ଅମ୍ଳଜାନ ଅଭାବରୁ ପୃଥିବୀ ପୃଷ୍ଠ ଉତ୍ତପ୍ତ ଆଡକୁ ଗତି କଲାଣି ଓ ବର୍ଷାର ମାତ୍ରା ଦିନକୁ ଦିନ କମିବାକୁ ଲାଗିଲାଣି । ଦିନକୁ ଦିନ ଋତୁ ଚକ୍ର ପରିବର୍ତ୍ତନ ଦ୍ୱାରା ଚାଷ କାର୍ଯ୍ୟରେ କୃଷକମାନେ ସଠିକ୍ ସମୟରେ ଫସଲ କରିବା ଅସମ୍ଭବ ହୋଇ ପଡୁଛି । ଫଳରେ ବିଭିନ୍ନ ପ୍ରକାର ସମସ୍ୟା ଦିନକୁ ଦିନ ଦେଖିବାକୁ ମିଳୁଛି । ଆଗାମୀ ଦିନର ଲକ୍ଷ୍ୟ ହେଉଛି ପ୍ରଦୂଷଣ ମୁକ୍ତ ଓ ସୁସ୍ଥ ପରିବେଶ ଗଠନ ଦିଗରେ ସଚେତନର ବାର୍ତ୍ତା ସହ କାର୍ଯ୍ୟରେ ପରିଣତ କରିବା ଦ୍ୱାରା ବୃକ୍ଷହୀନ ପରିବେଶକୁ ଅମ୍ଳଜାନ ଦାୟୁରୁ ବଞ୍ଚିତ କରିବା । ଏଥିରେ ଇଂ ଛାତ୍ର ସୂର୍ଯ୍ୟକାନ୍ତ ଖଟୁଆ,ଦିବ୍ୟରଞ୍ଜନ ଖଟୁଆ ଓ ଅନ୍ୟ ଛାତ୍ର ପ୍ରମୁଖ ଯୋଗ ଦେଇଥିଲେ । ।

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

## ନିମାପଡା କଂଗେସରୁ ଲଢ଼ିବେ ପୂର୍ବତନ ଅଧ୍ୟାପକ

ନିମାପଡ଼ା,(ପି.ଏନ): ଜଣେ ଛାତ୍ର ବସ୍ଚଳ ଭାବରେ ଜଣାଶୁଣା ନିମାପଡ଼ା ମହାବିଦ୍ୟାଳୟର ପୂର୍ବତନ ଇତିହାସ ଅଧ୍ୟାପକ ନିରଦ ବରଣ ଖୁଣ୍ଟିଆ ଜାତୀୟ ସେବା ଯୋଜନାର ଶ୍ରେଷ୍ଠତମ କାର୍ଯ୍ୟକ୍ରମ ଅଧିକାରୀ ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନୀତ ହୋଇଥିଲେ।ପରବର୍ତ୍ତୀ ସମୟରେ ରାଜନୀତିରେ ସକ୍ରିୟ ରହିବା ସହିତ ୨୦୦୭ରେ ଅରିଷଣ୍ଢ ପଞ୍ଚାୟତ ସମିତି ସଭ୍ୟ ଭାବରେ ନିର୍ବାଚିତ ହୋଇ ବ୍ଲକ୍ ଅଧ୍ୟକ୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରି ମାତ୍ର ଦୁଇଟି ଭୋଟ ବ୍ୟବଧାନରେ ହାରି ଯାଇଥିଲେ।ପରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରବକ୍ତା ଭାବରେ ୨୦୧୮ରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟନାୟକଙ୍କ ଉପସ୍ଥିତରେ ରାହୁଲ ଗାନ୍ଧୀଙ୍କୁ ଭେଟି ଅନ୍ୟ ବନ୍ଧୁ ମାନଙ୍କ ସହିତ କଂଗ୍ରେସରେ ଯୋଗ ଦେଇଥିଲେ।ଏବେ ରାଜ୍ୟ କଂଗ୍ରେସର ଶିକ୍ଷକ ସେଲ୍ର କାର୍ଯ୍ୟକାରୀ ସଭାପତି, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ପ୍ରବକ୍ତା ତଥା ତିନୋଟି ଜିଲ୍ଲାର ପ୍ରଭାରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।ଏତଦ୍ ବ୍ୟତୀତ ଜଣେ ସମାଜସେବୀ ଭାବରେ ବନ୍ୟା ବିପନ୍ନଙ୍କୁ ସହାୟତା କରିବା,ଓଡିଶା ପରିବେଶ ସମିତିର ସଦସ୍ୟ ଭାବରେ ବିଭିନ୍ନ ମହାବିଦ୍ୟାଳୟରେ ବୃକ୍ଷରୋପଣ କରିବା,ଓଡ଼ିଆ ଭାଷା ଜାଗରଣ ଯାତ୍ରାର ଆବାହକ ଭାବରେ ବିଭିନ୍ନ ଜିଲ୍ଲାରେ ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ନେଇ ସମାବେଶ ଆୟୋଜନ କରିବା,ଜାତୀୟ ସେବା ଯୋଜନାର ରାଜ୍ୟ ପ୍ରଶିକ୍ଷକ ଭାବରେ ପ୍ରତି ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ ମାନଙ୍କୁ ସମାଜସେବା ଓ ରାଷ୍ଟ୍ର ଗଠନ ପାଇଁ ପ୍ରଭାବିତ କରିବା,ଏ ସବୁ ପାଇଁ ଶ୍ରୀ ଖୁଣ୍ଟିଆ ଅହରହ କାର୍ଯ୍ୟ କରି ଖୁବ୍ ପ୍ରଶଂସିତ।ଚାରୋଟି ବିଷୟରେ ସ୍ନାତକୋତ୍ତର, ଉଚ୍ଚଶିକ୍ଷିତ, ସୁବକ୍ତା, ଲେଖକ, କବି, ମିଷ୍ଟଭାଷୀ ଓ ନିମାପଡ଼ାର ସର୍ବସାଧାରଣରେ ଗ୍ରହଣୀୟ ବ୍ୟକ୍ତିତ୍ୱ ହେଉଛନ୍ତି ଅଧ୍ୟାପକ ଖୁଣ୍ଟିଆ। କୋଡିଏ ବର୍ଷର ଅଧ୍ୟାପନାରେ ହଜାର ହଜାର ଛାତ୍ରଛାତ୍ରୀ ଏବେ ବି ତାଙ୍କୁ ଭଲ ପାଆନ୍ତି।ଯଦି ସେ କଂଗ୍ରେସ ଦଳର ପ୍ରାର୍ଥୀ ହୁଅନ୍ତି ତେବେ ଦଳୀୟ ଭୋଟ ବ୍ୟତିତ ହଜାର ହଜାର ଛାତ୍ରଛାତ୍ରୀଙ୍କ ପରିବାର ତାଙ୍କ ସପକ୍ଷରେ ଆସିବାର ସମ୍ଭାବନା ଅଛି ।ଅପର ପକ୍ଷରେ ନିମାପଡ଼ା ଗୋପ ଅଞ୍ଚଳର ଶିକ୍ଷିତ ଓ ବୁଦ୍ଧିଜୀବୀ ମହଲରେ ନିମାପଡ଼ା,୩୦/୧୦-ଜଣେ ଛାତ୍ର ବସ୍ଚଳ ଭାବରେ ଜଣାଶୁଣା ନିମାପଡ଼ା ମହାବିଦ୍ୟାଳୟର ପୂର୍ବତନ ଇତିହାସ ଅଧ୍ୟାପକ ନିରଦ ବରଣ ଖୁଣ୍ଟିଆ ଜାତୀୟ ସେବା ଯୋଜନାର ଶ୍ରେଷ୍ଠତମ କାର୍ଯ୍ୟକ୍ରମ ଅଧିକାରୀ ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନୀତ ହୋଇଥିଲେ।ପରବର୍ତ୍ତୀ ସମୟରେ ରାଜନୀତିରେ ସକ୍ରିୟ ରହିବା ସହିତ ୨୦୦୭ରେ ଅରିଷଣ୍ଢ ପଞ୍ଚାୟତ ସମିତି ସଭ୍ୟ ଭାବରେ ନିର୍ବାଚିତ ହୋଇ ବ୍ଲକ୍ ଅଧ୍ୟକ୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରି ମାତ୍ର ଦୁଇଟି ଭୋଟ ବ୍ୟବଧାନରେ ହାରି ଯାଇଥିଲେ।ପରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରବକ୍ତା ଭାବରେ ୨୦୧୮ରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟନାୟକଙ୍କ ଉପସ୍ଥିତରେ ରାହୁଲ ଗାନ୍ଧୀଙ୍କୁ ଭେଟି ଅନ୍ୟ ବନ୍ଧୁ ମାନଙ୍କ ସହିତ କଂଗ୍ରେସରେ ଯୋଗ ଦେଇଥିଲେ।ଏବେ ରାଜ୍ୟ କଂଗ୍ରେସର ଶିକ୍ଷକ ସେଲ୍ର କାର୍ଯ୍ୟକାରୀ ସଭାପତି, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ପ୍ରବକ୍ତା ତଥା ତିନୋଟି ଜିଲ୍ଲାର ପ୍ରଭାରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।ଏତଦ୍ ବ୍ୟତୀତ ଜଣେ ସମାଜସେବୀ ଭାବରେ ବନ୍ୟା ବିପନ୍ନଙ୍କୁ ସହାୟତା କରିବା,ଓଡିଶା ପରିବେଶ ସମିତିର ସଦସ୍ୟ ଭାବରେ ବିଭିନ୍ନ ମହାବିଦ୍ୟାଳୟରେ ବୃକ୍ଷରୋପଣ କରିବା,ଓଡ଼ିଆ ଭାଷା ଜାଗରଣ ଯାତ୍ରାର ଆବାହକ ଭାବରେ ବିଭିନ୍ନ ଜିଲ୍ଲାରେ ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ନେଇ ସମାବେଶ ଆୟୋଜନ କରିବା,ଜାତୀୟ



ସେବା ଯୋଜନାର ରାଜ୍ୟ ପ୍ରଶିକ୍ଷକ ଭାବରେ ପ୍ରତି ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ ମାନଙ୍କୁ ସମାଜସେବା ଓ ରାଷ୍ଟ୍ର ଗଠନ ପାଇଁ ପ୍ରଭାବିତ କରିବା,ଏ ସବୁ ପାଇଁ ଶ୍ରୀ ଖୁଣ୍ଟିଆ ଅହରହ କାର୍ଯ୍ୟ କରି ଖୁବ୍ ପ୍ରଶଂସିତ।ଚାରୋଟି ବିଷୟରେ ସ୍ନାତକୋତ୍ତର,ଉଚ୍ଚଶିକ୍ଷିତ, ସୁବକ୍ତା,ଲେଖକ,କବି, ମିଷ୍ଟଭାଷୀ ଓ ନିମାପଡ଼ାର ସର୍ବସାଧାରଣରେ ଗ୍ରହଣୀୟ ବ୍ୟକ୍ତିତ୍ୱ ହେଉଛନ୍ତି ଅଧ୍ୟାପକ ଖୁଣ୍ଟିଆ। କୋଡିଏ ବର୍ଷର ଅଧ୍ୟାପନାରେ ହଜାର ହଜାର ଛାତ୍ରଛାତ୍ରୀ ଏବେ ବି ତାଙ୍କୁ ଭଲ ପାଆନ୍ତି।ଯଦି ସେ କଂଗ୍ରେସ ଦଳର ପ୍ରାର୍ଥୀ ହୁଅନ୍ତି ତେବେ ଦଳୀୟ ଭୋଟ ବ୍ୟତିତ ହଜାର ହଜାର ଛାତ୍ରଛାତ୍ରୀଙ୍କ ପରିବାର ତାଙ୍କ ସପକ୍ଷରେ ଆସିବାର ସମ୍ଭାବନା ଅଛି ।ଅପର ପକ୍ଷରେ ନିମାପଡ଼ା ଗୋପ ଅଞ୍ଚଳର ଶିକ୍ଷିତ ଓ ବୁଦ୍ଧିଜୀବୀ ମହଲରେ ନିମାପଡ଼ା,୩୦/୧୦-ଜଣେ ଛାତ୍ର ବସ୍ଚଳ ଭାବରେ ଜଣାଶୁଣା ନିମାପଡ଼ା ମହାବିଦ୍ୟାଳୟର ପୂର୍ବତନ ଇତିହାସ ଅଧ୍ୟାପକ ନିରଦ ବରଣ ଖୁଣ୍ଟିଆ ଜାତୀୟ ସେବା ଯୋଜନାର ଶ୍ରେଷ୍ଠତମ କାର୍ଯ୍ୟକ୍ରମ ଅଧିକାରୀ ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନୀତ ହୋଇଥିଲେ।ପରବର୍ତ୍ତୀ ସମୟରେ ରାଜନୀତିରେ ସକ୍ରିୟ ରହିବା ସହିତ ୨୦୦୭ରେ ଅରିଷଣ୍ଢ ପଞ୍ଚାୟତ ସମିତି ସଭ୍ୟ ଭାବରେ ନିର୍ବାଚିତ ହୋଇ ବ୍ଲକ୍ ଅଧ୍ୟକ୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରି ମାତ୍ର ଦୁଇଟି ଭୋଟ ବ୍ୟବଧାନରେ ହାରି ଯାଇଥିଲେ।ପରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ପ୍ରବକ୍ତା ଭାବରେ ୨୦୧୮ରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟନାୟକଙ୍କ ଉପସ୍ଥିତରେ ରାହୁଲ ଗାନ୍ଧୀଙ୍କୁ ଭେଟି ଅନ୍ୟ ବନ୍ଧୁ ମାନଙ୍କ ସହିତ କଂଗ୍ରେସରେ ଯୋଗ ଦେଇଥିଲେ।ଏବେ ରାଜ୍ୟ କଂଗ୍ରେସର ଶିକ୍ଷକ ସେଲ୍ର କାର୍ଯ୍ୟକାରୀ ସଭାପତି, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ପ୍ରବକ୍ତା ତଥା ତିନୋଟି ଜିଲ୍ଲାର ପ୍ରଭାରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।ଏତଦ୍ ବ୍ୟତୀତ ଜଣେ ସମାଜସେବୀ ଭାବରେ ବନ୍ୟା ବିପନ୍ନଙ୍କୁ ସହାୟତା କରିବା,ଓଡିଶା ପରିବେଶ ସମିତିର ସଦସ୍ୟ ଭାବରେ ବିଭିନ୍ନ ମହାବିଦ୍ୟାଳୟରେ ବୃକ୍ଷରୋପଣ କରିବା,ଓଡ଼ିଆ ଭାଷା ଜାଗରଣ ଯାତ୍ରାର ଆବାହକ ଭାବରେ ବିଭିନ୍ନ ଜିଲ୍ଲାରେ ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ନେଇ ସମାବେଶ ଆୟୋଜନ କରିବା,ଜାତୀୟ ସେବା ଯୋଜନାର ରାଜ୍ୟ ପ୍ରଶିକ୍ଷକ ଭାବରେ ପ୍ରତି ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀ ମାନଙ୍କୁ ସମାଜସେବା ଓ ରାଷ୍ଟ୍ର ଗଠନ ପାଇଁ ପ୍ରଭାବିତ କରିବା,ଏ ସବୁ ପାଇଁ ଶ୍ରୀ ଖୁଣ୍ଟିଆ ଅହରହ କାର୍ଯ୍ୟ କରି ଖୁବ୍ ପ୍ରଶଂସିତ।ଚାରୋଟି ବିଷୟରେ ସ୍ନାତକୋତ୍ତର, ଉଚ୍ଚଶିକ୍ଷିତ, ସୁବକ୍ତା,ଲେଖକ,କବି, ମିଷ୍ଟଭାଷୀ ଓ ନିମାପଡ଼ାର ସର୍ବସାଧାରଣରେ ଗ୍ରହଣୀୟ ବ୍ୟକ୍ତିତ୍ୱ ହେଉଛନ୍ତି ଅଧ୍ୟାପକ ଖୁଣ୍ଟିଆ। କୋଡିଏ ବର୍ଷର ଅଧ୍ୟାପନାରେ ହଜାର ହଜାର ଛାତ୍ରଛାତ୍ରୀ ଏବେ ବି ତାଙ୍କୁ ଭଲ ପାଆନ୍ତି।ଯଦି ସେ କଂଗ୍ରେସ ଦଳର ପ୍ରାର୍ଥୀ ହୁଅନ୍ତି ତେବେ ଦଳୀୟ ଭୋଟ ବ୍ୟତିତ ହଜାର ହଜାର ଛାତ୍ରଛାତ୍ରୀଙ୍କ ପରିବାର ତାଙ୍କ ସପକ୍ଷରେ ଆସିବାର ସମ୍ଭାବନା ଅଛି ।ଅପର ପକ୍ଷରେ ନିମାପଡ଼ା ଗୋପ ଅଞ୍ଚଳର ଶିକ୍ଷିତ ଓ ବୁଦ୍ଧିଜୀବୀ ମହଲରେ ଜଣେ ଗ୍ରହଣୀୟ ପ୍ରାର୍ଥୀ ହୋଇପାରିବେ ବୋଲି ଆଶା କରାଯାଉଛି।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତ୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଋଙ୍ଗ୫ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟ୍ୱ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଧିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଧିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।




# ନଭେମ୍ବର ୨୭ରୁ କଟକ ବାଲିଯାତ୍ରା; ଆଜିଠାରୁ ଆରମ୍ଭ ହେଲା ପ୍ଲଟ୍ ପଞ୍ଜିକରଣ

ଭୁବନେଶ୍ୱର, (ପି.ଏନ): ଆସନ୍ତା ନଭେମ୍ବର ୨୭ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ ଐତିହାସିକ କଟକ ବାଲିଯାତ୍ରା। ୮ ଦିନ ଧରି ହେବାକୁ ଥିବା ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ ଓ ସରସ ସୁନ୍ଦର କରିବା ପାଇଁ ଲକ୍ଷ୍ୟ ରଖିଛି ପ୍ରଶାସନ। ସେଥିପାଇଁ ଆଜିଠାରୁ ଆରମ୍ଭ ହୋଇଛି ପ୍ଲଟ୍ ? ପଞ୍ଜିକରଣ କାର୍ଯ୍ୟ। ବାଲିଯାତ୍ରା ଷ୍ଟଲ ପାଇଁ ପୃଷ୍ଠପୋଷକଙ୍କ ପଞ୍ଜିକରଣ ଆଜି ଠାରୁ ଆରମ୍ଭ ହୋଇଥିବା ବେଳେ ସାଧାରଣ ବ୍ୟବସାୟୀଙ୍କ ପାଇଁ ପଞ୍ଜିକରଣ ନଭେମ୍ବର ୪ ତାରିଖରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହା ପରେ ନଭେମ୍ବର ୧୧ରୁ ୧୫ ତାରିଖ ମଧ୍ୟ ଷ୍ଟଲ ନିଲାମ କରାଯିବ। ତେବେ ଭଲ ବ୍ୟବସାୟ ସହିତ ଲକ୍ଷାଧିକ ଲୋକଙ୍କ ସାମ୍ନାରେ ନିଜ ବ୍ୟବସାୟକୁ ପ୍ରଦର୍ଶନ କରିବାର ଏହା ବଡ ସୁଯୋଗ ବୋଲି ବ୍ୟବସାୟୀ କହିଛନ୍ତି। ଦଶରା ଗଲା, ଆଗକୁ ଆସୁଛି ବାଲିଯାତ୍ରା। ହେଲେ ଏଯାଏ ଖୋଲିଲାନି କଟକ ଯୋବ୍ରା, ଷ୍ଟାଡିୟମ୍ ଅଞ୍ଚଳରେ ତିଆରି ହୋଇଥିବା ଶୌଚାଳୟ। ନିର୍ମାଣ ସରିବାର ୧୧ ମାସ ପରେ ମଧ୍ୟ ଶୌଚାଳୟ ଗୁଡିକରେ ଝୁଲୁଛି ତାଲା। ଲୋକଙ୍କ ସୁବିଧା ପାଇଁ ଯଥାଶୀଘ୍ର ଶୌଚାଳୟ ଖୋଲିବାକୁ ବାରମ୍ବାର ଦାବି ହୋଇଛି। ହେଲେ ସିଏମସି ପକ୍ଷରୁ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି। ଏପରକି 'ସୁବାସ' ସଂଗଠନ ପକ୍ଷରୁ ବାଲଟି-ମଗ ଧରି ପ୍ରତିବାଦ କରିବା ସହ ଶୌଚାଳୟ ସମ୍ମୁଖରେ ଯଜ୍ଞ କରାଯାଇଥିଲା। ତଥାପି ସିଏମସି ପକ୍ଷରୁ ଶୌଚାଳୟ ଉଦଘାଟନ କରଗଲାନି। ଯାହାକୁ ନେଇ ଯାତ୍ରୀମାନେ କ୍ଷୋଭ ପ୍ରକାଶ କରିଥିବା ବେଳେ ସିଏମସିର ଅପରାଗତାକୁ ଦାୟୀ କରିଛନ୍ତି ସୁବାସ ସଂଗଠନ କର୍ମକର୍ତ୍ତା।

# ଦିନକ ପରେ ଆରମ୍ଭ ହବାକୁ ଯାଉଛି ମୟୂରଭଞ୍ଜ ମହୋତ୍ସବ



ବାରିପଦା ,(ପି.ଏନ): ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଆଉ ସେହି କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ । ୬ଷ୍ଠ ବର୍ଷରେ ପଦାର୍ପଣ କରିଛି ମୟୂରଭଞ୍ଜ ମହୋତ୍ସବ । ଆସନ୍ତା ନଭେମ୍ବର ୦୧ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି ମହୋତ୍ସବ । 'ପ୍ରଥମ ଦିନରେ ଜିଲ୍ଲାର ବିଭିନ୍ନ କଳାକାର ମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତରେ ତାଳେତାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଛଉ ପଡିଆ ପର୍ଯ୍ୟନ୍ତ ଆୟୋଜିତ ହେବ କାରନିଭାଲ ସୋ । ନଭେମ୍ବର ୦୨ ତାରିଖରୁ ଆସନ୍ତା ୧୦ ଦିନ ଧରି ବାରିପଦାର ଐତିହାସିକ ଛଉ ପଡିଆରେ ଅନୁଷ୍ଠିତ ହେବ ଏହି ମହୋତ୍ସବ । ଓଡ଼ିଆ ସିନେ ଜଗଗତର ସୁପାରଷ୍ଟାର ଉତ୍ତମ ମହାନ୍ତି, ଅସିତ ପତି, ପପୁ ପମପମ୍, ସ୍ୱରାଜ ବାରିକ, ସନ୍ ?ରା, ଅନିମେଶ ଘୋଷ, ଗାୟକ ଅସୀମା ପଣ୍ଡା, ଇରା ମହାନ୍ତି , ଅନନ୍ୟା ଶ୍ରିତମ ନନ୍ଦ ପ୍ରଖ୍ୟମ ବହୁ ନାମିଦାମୀ କଳାକାର ଏହି ମଞ୍ଚରେ କଳା ପ୍ରଦର୍ଶନ କରି ଲୋକଙ୍କ ମନୋରଞ୍ଜନର ଖୋରାଖ ଯୋଗାଇବେ । ଏଥି ସହିତ ସାଧନା ସରଗମ, ଇଣ୍ଡିଆନ ଆଇଡଲ ଫେମ ଅଙ୍କିତା ପାତ୍ରା ପ୍ରମୁଖ ମଧ୍ୟ ଏହି ମଞ୍ଚରେ ଲୋକଙ୍କୁ ମନୋରଞ୍ଜନ କରିବେ । ଆଦିବାସୀ ବହୁଳ ଜିଲ୍ଲାର ଆଦିବାସୀ ପରମ୍ପରାକୁ ଅବା ଭୁଲିବ କିଭଳି ଏହି ମୟୂରଭଞ୍ଜ ମହୋତ୍ସବ । ଏଥିପାଇଁ ପ୍ରସ୍ତୁତ ହୋଇଛି ୩ ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ମୟୁରଭଞ୍ଜ ଜିଲ୍ଲାର ସାନ୍ତାଳୀ କଳାକାରଙ୍କ ସମେତ ଝାଡଖଣ୍ଡ,ବିହାର, ପଶ୍ଚିମବଙ୍ଗ ଓ ଆସାମର ସାନ୍ତାଳୀ କଳାକର ମଙ୍ଗଲ ହାଁସଦା, କଳ୍ପନା ହାଁସଦା, ମଧୁସ୍ମିତା ସୋରେନ ମୁର୍ମୁ, ରାମ ମାର୍ଣ୍ଡି, ପ୍ରିୟା ମୁଣ୍ଡା ଏବଂ ବବି ସିଂ ପ୍ରମୁଖ ଯୋଗ ଦେଇ ନିଜ କଳା ମାଧମରେ ଜିଲ୍ଲାବସୀଙ୍କୁ ବିମୋହିତ କରିବେ । ୨ ତାରିଖ ଦିନ ପ୍ରଥମ ସନ୍ଧ୍ୟାରେ ଅସୀମା ପଣ୍ଡାଙ୍କ ସୁମଧୁର ସଂଗୀତ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଛୋଟିବ । ସେହିଭଳି ଦ୍ୱିତୀୟ ସନ୍ଧ୍ୟା ୩ ତାରିଖ ଆକର୍ଷଣ ରହିବ ଜି ସାରେଗାମା ଫେମ ଓମ୍ ଅଗ୍ରହରି, ସ୍ମୃତି ଜୟଶ୍ୱାଲ ଏବଂ ସେକ୍ସଫୋନ କଳାକାର ଲିପିକା ସାମନ୍ତ । ତୃତୀୟ ସନ୍ଧ୍ୟା ୪ ତାରିଖରେ ସାନ୍ତାଳୀ ଗାୟକ ମଙ୍ଗଲ ହାଁସଦା ସାଙ୍ଗକୁ ସୁପରଷ୍ଟାର ସ୍ୱରାଜ ବାରିକ ମଞ୍ଚରେ ଦର୍ଶକଙ୍କୁ କରିବେ ମତୁଆଲା । ଚତୁର୍ଥ ସନ୍ଧ୍ୟା ୫ ତାରିଖ ଦିନ ଓଡ଼ିଆ ସିନେ ଜଗତର କମେଡି କିଙ୍ଗ ପପୁ ପମ ପମ ଙ୍କ ସହିତ ପ୍ରମୁଖ କଣ୍ଠଶିଳ୍ପୀ ଇରା ମହାନ୍ତି, ଓ ସତ୍ୟଜିତ୍ ପ୍ରଧାନ ସଂଗୀତ ପରିବେଷଣ କରିବେ । ପଞ୍ଚମ ସନ୍ଧ୍ୟା ୬ ତାରିଖ ଦିନ ସାନ୍ତାଳୀ ନାଇଟରେ ରାମ ମାର୍ଣ୍ଡି ସାଙ୍ଗକୁ ପ୍ରିୟା ମୁଣ୍ଡା ଏବଂ ବବି ସିଂ ଦର୍ଶକଙ୍କ ମନୋ ମହିବେ । ଷଷ୍ଠ ସନ୍ଧ୍ୟା ୭ ତାରିଖରେ ଝୁମର ନାଇଟରେ କଳାର ପ୍ରଦର୍ଶନ କରିବେ ଗୌତମ ମହାନ୍ତ ଏବଂ ଉର୍ମିଳା ମହାନ୍ତ । ସପ୍ତମ ସନ୍ଧ୍ୟା ୮ ତାରିଖରେ ଇଣ୍ଡିଆନ ଆଇଡଲ ଫେମ ଅନ୍ୱ ?ଷା ପାତ୍ର ସଙ୍ଗୀତ ପରିବେଷଣ କରିବାକୁ ଥିବା ବେଳେ ଅଷ୍ଟମ ସନ୍ଧ୍ୟା ୯ ତାରିଖରେ ସାନ୍ତାଳୀ ଗାୟୀକା କଳ୍ପନା ହାଁସଦା ମତୁଆଲା କରିବେ ଦର୍ଶକଙ୍କୁ । ନବମ ସନ୍ଧ୍ୟା ୧୦ ତାରିଖରେ ଇଣ୍ଡିଆନ ଆଇଡଲ ଫେମ ଅନନ୍ୟା ଶ୍ରିତମ ପଣ୍ଡା ଙ୍କ ସୁମଧୁର ସଙ୍ଗୀତ ପରିବେଷଣ ହେବାକୁ ଥିବା ବେଳେ ଦଶମ ତଥା ଶେଷ ସନ୍ଧ୍ୟା ୧୧ ତାରିଖରେ. ପ୍ରଖ୍ୟାତ ବଲିଉଡ ଗାୟୀକା ସାଧନା ସରଗମ ନାଇଟ ଅନୁଷ୍ଠିତ ହେବ । ଏଥି ସହିତ ମୟୁରଭଞ୍ଜ ଜିଲ୍ଲାର କଳାକାର ମାନେ ମଧ୍ୟ ନିଜ ନିଜର କଳାର ପ୍ରଦର୍ଶନ କରିବେ । ୩ ତାରିଖରେ ବାରିପଦା ଉପଖଣ୍ଡ କଳାକାର ମାନେ କଳାର ପ୍ରଦର୍ଶନ କରିବାକୁ ଥିବା ବେଳେ ୫ ତାରିଖରେ ପ୍ରଦର୍ଶନ କରିବେ କପ୍ତିପଦା ଉପଖଣ୍ଡ କଳାକାର ମାନେ । ସେହିଭଳି ୮ ତାରିଖ ଦିନ ପଞ୍ଚପୀଢ ଅଞ୍ଚଳର କଳାକାର ମାନେ ପ୍ରଦର୍ଶନ କରିବାକୁ ଥିବା ବେଳେ ୧୦ ତାରିଖ ଦିନ ବାମନଘାଟି ଉପଖଣ୍ଡ କଳାକାର ମାନେ ନିଜ ନିଜର କଳାର ପ୍ରଦର୍ଶନ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି ଆୟୋଜକ କମିଟି । ଚଳିତ ବର୍ଷ ମୟୁରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ସହ ଅନ୍ୟ ଜିଲ୍ଲା ମାନଙ୍କର କଳାର ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏହି ମହୋତ୍ସବରେ ମୟୁରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ, ଖେଳନାରୁ ଆରମ୍ଭ କରି ପୋଷାକ ଆଉ ତା ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ମଧ୍ଯ ମଜା ଉଠାଇ ପାରିବେ ଦର୍ଶକ ।ପାଖାପାଖି ୨୦୦ ଷ୍ଟଲ ଖୋଲିବ ଏହି ମହୋତ୍ସବରେ । ପ୍ରତିଦିନ ସନ୍ଧ୍ୟା ୫ ଟାରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା କହିଛନ୍ତି । ଯୁବପିଢୀଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସେଲ୍ଫି ଜୋନର ବ୍ୟବସ୍ଥା କରାଯିବ ମହୋତ୍ସବରେ । ମୟୁରଭଞ୍ଜ ମହୋତ୍ସବ କମିଟି ସଭାପତି କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କର୍ମକର୍ତ୍ତା ସଂଜୀବ ଦ୍ୱିବେଦୀ,ତାପସ ପାଢ଼ୀ,କଳିଙ୍ଗ କେଶରୀ ଜେନା,ବିପ୍ଳବ ବୁଗୁଡେଇ,ଲଡୁ କେଶର ରଣା,ସତ୍ୟଜିତ ସୋମ,ରାକେଶ ସିଂ, ସବିତା ହାଁସଦା, ନିମାଇଁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବୃନ୍ଦାବତୀ ନିବାସଠାରେ ହବିଷ୍ୟାଳୀ କାର୍ତିକ ବ୍ରତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ

ପୁରୀ, (ପି.ଏନ):ପୁରୀରେ ଚଳିତ ବର୍ଷର ହବିଷ କାର୍ତିକ ବ୍ରତ ଅକ୍ଟୋବର ୨୯ତାରିଖ ଠାରୁ ଆରମ୍ଭ ହୋଇ ୧ମାସ ଧରି ଚାଲିବାକୁ ଥିବା ହବିଷ ବ୍ରତ ୫ଗୋଟି କେନ୍ଦ୍ରରେ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରନ୍ସ ମାଧମରେ ବୃନ୍ଦାବତୀ ନିବାସଠାରେ ହବିଷ କାର୍ତିକ ବ୍ରତର ଉଦଘାଟନ କରିଛନ୍ତି। ସୂଚନା ମୁତାବକ,ଚଳିତ ବର୍ଷ ପୁରୀରେ ହବିଷ କାର୍ତିକ ବ୍ରତ ପାଇଁ ଅନଲାଇନ ମାଧମରେ ୩୦୨୪ଜଣ ହବିଷ୍ୟାଳୀ ନାମ ପଞ୍ଜୀକରଣ କରିଛନ୍ତି। ଅକ୍ଟୋବର ୨୯ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଏହି ହବିଷ୍ୟାଳୀଙ୍କୁ ପୁରୀର ୫ଗୋଟି କେନ୍ଦ୍ର ଯଥା ବୃନ୍ଦାବତୀ ନିବାସ,ବଗଳା ଧର୍ମଶାଳା,ବାଗେଡିଆ ଧର୍ମଶାଳା,ଅକ୍ଷୟ ପାତ୍ର ଫାଉଣ୍ଡେସନ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ରହିବାର ବ୍ୟବସ୍ଥା କରାଯାଇଛି। ଗୋଟିଏ ସ୍ଥାନରେ ରହି ମହାପ୍ରଭୁଙ୍କୁ ଦର୍ଶନ,ଦୈନିକ ମହାପ୍ରସାଦ ସେବନ,ପୂଜା ପାଠ,ପ୍ରବଚନ,ଚିକିତ୍ସା ସହ ସମସ୍ତ ଆନୁସଙ୍ଗୀକ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କରିଥିବାରୁ ହବିଷ୍ୟାଳୀମାନେ ବେଶ ଖୁସିବ୍ୟକ୍ତ କରିଛନ୍ତି।

# ପାଇଖାନା ଘରେ ବିତୁଛି ବୃଦ୍ଧାଙ୍କ ଜୀବନ



ଉଦୟଗିରି,(ପି.ଏନ): ଆଦିବାସି ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ଟିକାବାଲି ବ୍ଲକ ଗୁଟିଙ୍ଗିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୪ନଂ ୱାର୍ଡର ସାନ ଗୁମାଗଡ ସାହିରେ ଦେଖିବାକୁ ମିଳିଛି ଏପରି ଏକ ଅଭାବନୀୟ ଦୃଶ୍ୟ, ଯାହାକି ସ୍ୱାଧୀନତାର ୭୭ ବର୍ଷ ଅତିକ୍ରମ କରିସାରିଥିଲେ ସୁଧା ବୃଦ୍ଧା ସୁମିତ୍ରାଙ୍କ ପାଖରେ ପହଞ୍ଚି ପାରିନି ସରକାରଙ୍କ ଆବାସ ଯୋଜନା ।ଦୁଃଖ ଓ ପରିତାପର ବିଷୟ ସରକାର ଜନ ସାଧାରଣଙ୍କ ସୁବିଧା ପାଇଁ ମାଳ ମାଳ ଯୋଜନା କରିଥିବା ଡିଣ୍ଡିମ ପିଟୁଥିବା ବେଳେ,ଆଜିବି ଅବହେଳିତ ଅବସ୍ଥାରେ ପାଇଖାନା ଘରେ ଜୀବନ କାଟୁଛନ୍ତି ଭିନ୍ନକ୍ଷମା ବୃଦ୍ଧା ସୁମିତ୍ରା ନାୟକଙ୍କ ଜୀବନ ।ସୂଚନା ମୁତାବକ ସ୍ୱଚ୍ଛ ଭାରତ ମିଶନ ଦ୍ୱାରା ନିର୍ମିତ ଏକ ପାଇଖାନା ଘରେ ଦୀର୍ଘ ୧୦ ବର୍ଷ ହେବ ବିତୁଛି ଭିନ୍ନକ୍ଷମା ବୃଦ୍ଧା ମହିଳା ସୁମିତ୍ରାଙ୍କ ଜୀବନ ।ବାରଂବାର ସ୍ଥାନୀୟ ସରପଞ୍ଚ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଅସୁବିଧା ବିଷୟ ଜଣାଇଥିଲେ ମଧ କେହିମଧ ତାଙ୍କରି ଅସୁବିଧାକୁ ବୁଝିନଥିବା ଜାଣିବାକୁ ମିଳିଛି ।ଆବାସ ଯୋଜନାରେ ୪୦ ପ୍ରତିଶତ ବିଧବା ଅସହାୟା ଓ ଭିନ୍ନକ୍ଷମ ମାନଙ୍କ ପାଇଁ ଅଗ୍ରାଧିକାର ଥିବା ବେଳେ ମୁଣ୍ଡ ଗୁଞ୍ଜିବା ପାଇଁ ଘରଟିଏ ନଥିବା ଭିନ୍ନକ୍ଷମା ବୃଦ୍ଧା ସୁମିତ୍ରାଙ୍କୁ ଅଣଦେଖା କରାଯାଉଥିବା ନେଇ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ପାରିବା ପଣିଆ ପ୍ରତି ପ୍ରଶ୍ନ ଉଠୁଛି ।ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଭିନ୍ନକ୍ଷମା ବୃଦ୍ଧା ସୁମିତ୍ରାଙ୍କୁ ଘରଟିଏ ନମିଳିବା ଅତି ଦୁଃଖ ଓ ପରିତାପର ବିଷୟ ବୋଲି ପ୍ରକାଶ କରିବା ସହିତ ଅତିଶୀଘ୍ର ସୁମିତ୍ରାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ମାନବାଧିକାର କମିଶନଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର, (ପି.ଏନ): ରାଜ୍ୟ ମାନବାଧିକାର କମିଶନ ଅଧକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ଆଜି ସମ୍ବଲପୁର ଗସ୍ତରେ ଆସି ପହଂଚିଛନ୍ତି। ପ୍ରାରମ୍ଭରେ ସଦର ମେଡିକାଲକୁ ଯାଇ ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କ ସହ ଆଲୋଚନା କରିବା ପରେ ମେଡିକାଲର ବିଭିନ୍ନ ୱାର୍ଡ ପରିଦର୍ଶନ କରିଥିଲେ। ତେବେ ମାତୃ ଓ ଶିଶୁ ବିଭାଗ ଗସ୍ତ ସମୟରେ ଅଲଟ୍ରା ସାଉଣ୍ଡ ବିଭାଗରେ ଡାକ୍ତର ନଥିବା ଓ ମେଡ଼ିକାଲର ଚର୍ତୁପାଶ୍ୱର ବିପର୍ଯ୍ୟସ୍ତ ସ୍ୱଛତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ମେଡ଼ିକାଲ ପରିଦର୍ଶନ ବେଳେ ରୋଗୀମାନେ କିପରି ଭଲଭାବରେ ଚିକିତ୍ସା ପାଇ ପାରିବେ ସେନେଇ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ମେଡିକାଲରେ ଚିକିତ୍ସାଧିନ ରୋଗୀ, ମେଡିକାଲର ବିଭିନ୍ନ ସମସ୍ୟା ଓ ଭିତିଭୂମିର ବିକାଶକୁ ମଧ ପରିଦର୍ଶନ କରିଥିଲେ।

# ପ୍ରବାସୀ ଭାରତୀୟ ବିମା ଯୋଜନା ଅଧିକ ଲାଭଦାୟକ ଓ ଅତ୍ୟନ୍ତ ଆବଶ୍ୟକ

କୁଏତ,(ପି.ଏନ): ସମୟ ଏବଂ ସ୍ୱାସ୍ଥ୍ୟ ହେଉଛି ଦୁଇଟି ମୂଲ୍ୟବାନ ସମ୍ପତ୍ତି ଯାହାକୁ ଆମେ ଚିହ୍ନିପାରୁ ନାହୁଁ ଏବଂ ଏହାର ସଦୁପ ଯୋଗ ଅବଲମ୍ବନ ସହିତ, ଆମ ସମାଜରେ ସଚେତନତା ଓ ଯନ୍‌ମାନ ଆତ୍ୟନ୍ତ ଆବଶ୍ୟକ ।ପ୍ରବାସୀ ଭାରତୀୟ ବୀମା ଯୋଜନା (PBBY) ହେଉଛି ଏକ ବାଧ୍ୟତାମୂଳକ ବୀମା ଯୋଜନା, ଯାହା ବିଦେଶରେ ଚାକିରୀ କରିବାକୁ ଯାଉଥିବା ଇମିଗ୍ରେସନ୍ ଅନୁମତିପତ୍ର ଆବଶ୍ୟକୀୟ (ECR) ବର୍ଗରେ ଭାରତୀୟ ପ୍ରବାସୀ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଲକ୍ଷ୍ୟ ରଖାଯାଇଛି । ୨୦୦୩ ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୨୦୦୬, ୨୦୦୮ ଏବଂ ୨୦୧୭ ରେ ସଂଶୋଧିତ ହୋଇଛି ଏବଂ ପ୍ରବାସୀ ଶ୍ରମିକଙ୍କ ଅର୍ଥନ୍ୟେତିକ ସୁବିଧା ର ସମସ୍ତ ପ୍ରକ୍ରିୟା କୁ ସୁଦୃଢ କରିବାର ଲକ୍ଷ୍ୟ ରହିଛି ।ସମସ୍ତ ହିତାଧିକାରୀଙ୍କ ସହିତ ପରାମର୍ଶ କରି ୨୦୧୭ ମସିହାରେ ଏହି ଯୋଜନାର ଶେଷ ବିସ୍ତୃତ ସମୀକ୍ଷା କରାଯାଇଛି । ସଂଶୋଧିତ ସ୍କିମ୍ – ପ୍ରବାସୀ ଭାରତୀୟ ବୀମା ଯୋଜନା – ୨୦୧୭ କାର୍ଯ୍ୟକ୍ଷମ ହୋଇଛି ଅଗଷ୍ଟ ୧, ୨୦୧୭ ବର୍ତ୍ତମାନ ଏହି ଯୋଜନାରେ ଦଶ ଲକ୍ଷ ଟଙ୍କାର ବୀମା ଯୋଜନା ଶ୍ରମିକ ଙ୍କୁ ପ୍ରଦାନ୍ କରୁଛି । ଦଶ ଲକ୍ଷ ଟଙ୍କାର ବୀମା ଟଙ୍କା ବୀମା ପ୍ରିମିୟମରେ ଆକସ୍ମିକ ମୃତ୍ୟୁ / କାର୍ଯ୍ୟ କରୁଥିବା ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ୧୦ ଲକ୍ଷ ଟଙ୍କା ପ୍ରାପ୍ତ କରିବେ, ଅର୍ଥାତ୍ ମାସକୁ ୩୭୫ ଟଙ୍କା ଯଥାକ୍ରମେ ଏବଂ ତିନି ବର୍ଷ ପାଇଁ ପ୍ରଯୁଜ୍ୟ। ପାସପୋର୍ଟ ବର୍ଗ ନିର୍ବିଶେଷରେ ଏମିଗ୍ରେସନ୍ ଆକ୍ଟ, ୧୯୮୩ ର ଧାରା ୨ (କ୍ସ) ଅନୁଯାୟୀ କାର୍ଯ୍ୟ ବର୍ଗ ଅଧୀନରେ ଥିବା ବିଭିନ୍ନ ବୃତ୍ତି ପାଇଁ ସଂଶୋଧିତ ଯୋଜନା ମଧ୍ୟ ବାଧ୍ୟତାମୂଳକ । ପ୍ରବାସୀ ଭାରତୀୟ ବୀମା ଯୋଜନା ୨୦୧୭ ନିଯୁକ୍ତିଦାତା ଏବଂ ଅବସ୍ଥାନ ନିର୍ବିଶେଷରେ ବିଶ୍ୱ ର ବୀମା କୁ ଅନ୍ତର୍ଭୁକ୍ତ କରା ଯାଇଛି । ପ୍ରବାସୀ ଭାରତୀୟ ଙ୍କ ସୁବିଧା ନିମନ୍ତେ – ଅନଲାଇନ୍ ର ନବୀକରଣ ପାଇଁ ସୁବିଧା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ / ସ୍ଥାୟୀ ଅକ୍ଷମତା ପ୍ରମାଣୀକରଣ ପାଇଁ ସରଳୀକୃତ ପ୍ରକ୍ରିୟା । ବୀମାଭୁକ୍ତ ବ୍ୟକ୍ତିଙ୍କ ଚାକିରୀ / ଅବସ୍ଥାନ ପରିବର୍ତ୍ତନ ନିର୍ବିଶେଷରେ ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା ସ୍ଥାୟୀ ଅକ୍ଷମତା ଘଟଣାରେ ବୀମାଭୁକ୍ତ ବ୍ୟକ୍ତି ୧୦ ଲକ୍ଷ ଟଙ୍କା ପ୍ରାପ୍ତ କରିବେ।ବିଦେଶରେ ଅବସ୍ଥିତ ଭାରତୀୟ ଦୂତାବାସ ଠୁ ଏବଂ ଆକସ୍ମିକ ମୃତ୍ୟୁ କିମ୍ବା ସ୍ଥାୟୀ ଅକ୍ଷମତା ପ୍ରମାଣପତ୍ର ବୀମା କମ୍ପାନୀ ଦ୍ୱାରା ଗ୍ରହଣ କରାଯିବ । ଆଘାତ / ଅସୁସ୍ଥତା / ରୋଗ ସହିତ ୧,୦୦,୦୦୦ ଲକ୍ଷ୍ୟ ଟଙ୍କା ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ସହିତ (ଡାକ୍ତରଖାନାରେ ୫୦,୦୦୦ ଟଙ୍କା ସ୍ୱାସ୍ଥ୍ୟ ସେବା ନିମନ୍ତେ ) ମେଡିକାଲ ବୀମା ର ସେବା ର ଆର୍ଥିକ ସାହାଯ୍ୟ ସୁବିଧା ପାଇ ପାରିବେ । ଶ୍ରମିକ ଙ୍କ ସ୍ୱାସ୍ଥ୍ୟ ଅନୁପଯୁକ୍ତ / ଚାକିରିର ଅକାଳ ସମାପ୍ତି ପାଇଁ, ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ ସମୟରେ ଭାରତର ନିକଟତମ ଆନ୍ତର୍ଜାତୀୟ ବିମାନବନ୍ଦରକୁ ଏକପାଖିଆ ଅର୍ଥନୀତି ଶ୍ରେଣୀର ବିମାନ ଭଡା ସୁବିଧା ପାଇ ପାରିବେ । ଭାରତରେ ଚିକିତ୍ସିତ ନିମନ୍ତେ ଡାକ୍ତର ଖାନା ର ସମସ୍ତ ଖର୍ଚ୍ଚ ର ୧ ଲକ୍ଷ୍ୟ ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ସହିତ ନିଜ ପରିବାର ସଦସ୍ୟ, ତଥା ନିଜ ର ସ୍ତ୍ରୀ ଓ ଦୁଇ ସନ୍ତାନ ବୟସ ୨୧ ବର୍ଷ ଆବଶ୍ୟକ ଉଚିତ୍। ବୀମା କମ୍ପାନୀ ଠୁ ୫୦,୦୦୦ ଟଙ୍କା ର ଆର୍ଥିକ ସାହାଯ୍ୟ ପ୍ରାପ୍ତ ପାଇ ପାରିବେ ।ଏହି ଯୋଜନା ବର୍ତ୍ତମାନ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଅଧିକ ଲାଭଦାୟକ ଏବଂ ଦାବିଗୁଡିକର ଶୀଘ୍ର ସମାଧାନ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖାଯାଇଛି ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Tuesday October 31, 2023 ଭୁବନେଶ୍ୱର ମଙ୍ଗଳବାର, ଅକ୍ଟୋବର ୩୧,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ନିମାପଡ଼ା ବିଜେଡିର ନୂତନ ଚେହେରା ହେବେ କି ରଞ୍ଜିତ ବଢୁଛି ଲୋକ ପ୍ରିୟତା

ନିମାପଡା,(ପି.ଏନ):ବିଜୁ ଜନତାଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାୟଗଡା ବିଧାନସଭା ଆସନ ପାଇଁ ପର୍ଯ୍ୟବେକ୍ଷକ ଭାବେ ନିମାପଡ଼ା ବିଜେଡ଼ି ଟିକେଟ ଦୌଡରେ ଥିବା ରଞ୍ଜିତ ରାୟ(ପୁପୁ) ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚ଼ନା ମୁତାବକ ଗତ କିଛିଦିନ ତଳେ ଶଙ୍ଖଭବନରୁ ପ୍ରକାଶିତ ପ୍ରେସ ବିଜ୍ଞପ୍ତିରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ବିଜେଡିର ବିଭିନ୍ନ ସଂଗଠନ ନିମନ୍ତେ ରାଜ୍ୟର ବଛାବଛା ୧୦ ଜଣ ଯୁବନେତାଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। ବିଜେଡି ରାଜ୍ୟ ସମ୍ପାଦକ ଭାବେ ଅମୀୟ ସ୍ୱାଇଁ, ବିଜୁ ଛାତ୍ର ଜନତା ଉପ-ସଭାପତି ଭାବେ ବିଷ୍ଣୁପ୍ରସାଦ ପଣ୍ଡା, ବିଜୁ ମହିଳା ଜନତାଦଳର ଜିଲ୍ଲା ସଭାପତି ଭାବେ ଶର୍ମିଷ୍ଠା ପାଢ଼ୀ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ରାୟଗଡା ନିର୍ବାଚ଼ନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ରଞ୍ଜିତ ରାୟଙ୍କୁ ନିଯୁକ୍ତ କରାଯାଇଛି । ୨୦୦୦ ମସିହାରେ ବିଜୁ ଜନତାଦଳ ଗଠନ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ତୃଣମୂଳ ସ୍ତରରେ ଦଳର ବିଭିନ୍ନ ପଦବୀରେ ନିଯୁକ୍ତ ହୋଇ ତାକୁ ଦାୟିତ୍ୱର ସହ ପାଳନକରି ରଞ୍ଜିତ ଦଳରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପାରିଛନ୍ତି। ୨୦୦୨ ମସିହା ଠାରୁ ୨୦୧୨ ମସିହା ପର୍ଯ୍ୟନ୍ତ ବିଜୁ ଛାତ୍ରଜନତା ଦଳର ବିଭିନ୍ନ ପଦବୀରେ ରହି ଛାତ୍ରସଙ୍ଘକୁ ମଜବୁତ କରିବାରେ ରଞ୍ଜିତଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ପୁନଶ୍ଚ ୨୦୧୨ ମସିହା ଠାରୁ ୨୦୧୯ ମସିହା ପର୍ଯ୍ୟନ୍ତ ବିଜୁ ଯୁବଜନତା ଦଳର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରି ରାଜ୍ୟରେ ଯୁବଗୋଷ୍ଠୀ ସଂଗଠନକୁ ସୁଦୃଢ କରି ଚ଼ର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ । ୨୦୧୭ ପଞ୍ଚାୟତ ନିର୍ବାଚ଼ନରେ ଜି.ଉଦୟଗିରି ନିର୍ବାଚ଼ନ ମଣ୍ଡଳୀର ସହ-ପର୍ଯ୍ୟବେକ୍ଷକ ଏବଂ ପରେ ଜଳେଶ୍ୱର ନିର୍ବାଚ଼ନମଣ୍ଡଳୀ, ପାରଳା ଖେମୁଣ୍ଡି ନିର୍ବାଚ଼ନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନେବା ସହ ରାଜ୍ୟରେ ହୋଇଥିବା ବିଭିନ୍ନ ଉପ-ନିର୍ବାଚ଼ନରେ ସକ୍ରିୟ ଅଂଶଗ୍ରହଣ କରି,ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ନିଜର ରାଜନୈତିକ ଗୋଟି ଚ଼ାଳନା କରି ଦଳରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ରଞ୍ଜିତଙ୍କୁ ଏବେ ରାୟଗଡା ନିର୍ବାଚ଼ନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆ ଯାଇଛି । ଏତେସବୁ ଦାୟିତ୍ୱ ନେଇ ତାକୁ ସଫଳତାର ସହ



କାର୍ଯ୍ୟକାରୀ କରିଥିବାରୁ ଦଳ ସୁପ୍ରିମୋ ନବୀନଙ୍କ ଅତ୍ୟନ୍ତ ନିକଟତର ହୋଇ ପାରିଛନ୍ତି ରଞ୍ଜିତ । ନିମାପଡ଼ା ବ୍ଲକ ବଡ଼ଶିରିବିଳା ପଞ୍ଚାୟତ ଗଡ଼ତୋରିହଁ ଗ୍ରାମର ବାସିନ୍ଦା ହେଉଛନ୍ତି ରଞ୍ଜିତ । ଛାତ୍ର ଜୀବନରୁ ରାଜନୀତିରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରି ବିଜେଡିର ଅନେକ ପଦ ପଦବୀରେ ରହିବା ପରେ ଏବେ ନିମାପଡ଼ା ବିଧାନସଭା ଆସନ ପାଇଁ ବିଜେଡ଼ି ଟିକେଟ ଦୌଡରେ ଆଗରେ ରହିଛନ୍ତି । ବିଧାୟକ ସମୀର ଦାଶଙ୍କ ବ୍ୟତୀତ ଯେତେସବୁ ଆଶାୟୀ ରହିଛନ୍ତି ସେମାନଙ୍କ ଭିତରୁ ରଞ୍ଜିତ ଏକମାତ୍ର ନିମାପଡ଼ା ବାସିନ୍ଦା ହୋଇଥିବାରୁ ରଞ୍ଜିତଙ୍କ ପ୍ରତି ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଦଶହରାରେ ନିମାପଡାର ଅନେକ ସ୍ଥାନରେ ରଞ୍ଜିତଙ୍କ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି।ସେହି ପୋଷ୍ଟରେ ରଞ୍ଜିତ ନିଜ ଫୋଟ ସହିତ ମୁଖ୍ୟମନ୍ତ୍ରୀ ତଥା ବିଜୁଜନତା ଦଳ ସୁପ୍ରିମ ନବୀନ ପଟ୍ଟନାୟକଙ୍କ ଫୋଟ ଏବଂ ଦଳୀୟ ଚ଼ିହ୍ନ ରଖି ନିଜ ଶାରଦୀୟ ଦୁର୍ଗାପୂଜା ଶୁଭେଚ଼୍ଛା ପୋଷ୍ଟର ଲଗାଇଥିବା ଦେଖିବାକୁ ମିଳିଛି।ନିମାପଡା ଟିକେଟ ରେସରେ ଅନେକ ବେକ୍ତି ଥିବା ବେଳେ ସମୀରଙ୍କ ବ୍ୟତୀତ କେବଳ ରଞ୍ଜିତ ନିଜ ପୋଷ୍ଟରରେ ଶଙ୍ଖ ଚ଼ିହ୍ନ ସହିତ ନବୀନଙ୍କୁ ରଖିଥିବା ଦେଖିବାକୁ ମିଳିଛି। ବିଜେଡିର ଏତେସବୁ ପଦବୀରେ ରହିବାପରେ ରଞ୍ଜିତ ରାଜ୍ୟ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ ହୋଇ ପାରିଛନ୍ତି । ତୃତୀୟ ମହଲାରୁ ମଧ ସବୁଜ ସଂକେତ ମିଳିସାରିଛି ବୋଲି କହିଛନ୍ତି ରଞ୍ଜିତ। ଶାସନ କ୍ଷମତାକୁ ଆସିଲେ ନିମାପଡାକୁ ଦୁର୍ନୀତିମୁକ୍ତ କରିବା ସହ ନିମାପଡ଼ାବାସୀଙ୍କ ସୁଖଦୁଃଖରେ ସାଥିରେ ରହିବେ ବୋଲି ରଞ୍ଜିତ ରାୟ ଦୃଢୋକ୍ତି ପ୍ରକାଶ କରିବା ସହିତ ଆଗାମୀ ଦିନରେ ନିମାପଡା ଗୋପ ଅଞ୍ଚଳରେ ଏକ ବିଶାଳ ଯୁବ ବୈଠକ କରି ନିଜ ରାଜନୈତିକ କାର୍ଯ୍ୟଧାର ଆରମ୍ଭ କରିବେ ବୋଲି କହିଛନ୍ତି।

## ପୋଖରୀରେ ବୁଡି ଶିଶୁପୁତ୍ରର ମୃତ୍ୟୁ

ଗଞ୍ଜାମ, (ପି.ଏନ): ବ୍ରହ୍ମପୁର ବିଜିପୁର ପୋଖରୀରେ ବୁଡିଯାଇ ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛି ବିଜିପୁର ବଡସାହିର ଏସ. ରୋହିତ (୭) । ରୋହିତ ବନ୍ଧହୁଡ଼ା କାଳୀ ମନ୍ଦିର ନିକଟରେ ଖେଳୁଥିବା ବେଳେ ପୋଖରୀରେ ବୁଡି ଯାଇଥିଲା । ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଂଚି ଶିଶୁପୁତ୍ରକୁ ପାଣିରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲା । କିନ୍ତୁ, ସେଠାରେ ଡାକ୍ତର ରୋହିତଙ୍କୁ ମୃତ ଘୋଷଣା କରିଛି । ଟାଉନ୍ ଥାନା ପୋଲିସ ମୃତଦେହ ଜବତ କରିଛି । ମୃତଦେହକୁ ବଡ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା । ଆଜି ପୂର୍ବାହ୍ନରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ମା'ଦକ୍ଷୀଣକାଳୀଙ୍କ ମାଟି ଅନୁକୂଳ ପର୍ବ ଅନୁଷ୍ଠିତ

ପୁରୀ,୩୦।୧୦(ପି.ଏନ):ପ୍ରସିଦ୍ଧ କାଳୀପୂଜା ଉପଲକ୍ଷେ ନୂଆ ଜଗନ୍ନାଥ ସଡକର ବୀରନରସିଂହପୁର ଠାରେ ଗତ ୫ବର୍ଷ ହେଲା ନିର୍ମିତ ଦକ୍ଷୀଣକାଳୀ ମନ୍ଦିରର ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ସୋମବାର ଦିନ ମାଟି ଅନୁକୂଳ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ପୂଜକ ଗିରିଶ ଚନ୍ଦ୍ର ବାନାର୍ଜୀ(ତାରୁ ଭାଇନା) ଏବଂ ହାରାଧନ ବାନାର୍ଜୀଙ୍କ ପରିବାର ସହଯୋଗରେ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ନିଷ୍ଠାର ସହିତ ଘଂଟ, ମାର୍ଦ୍ଦଳ, କାହାଳୀ ବଜାଇ,ବିଭିନ୍ନ ପୂଜା ବିଧି ସହିତ ଦୋଳଗୋବିନ୍ଦପୁରସ୍ଥିତ ଶଶ୍ମାନରୁ ମାଟି ସଂଗ୍ରହକରି ଫେରିଛନ୍ତି। ପ୍ରସିଦ୍ଧ ଦକ୍ଷୀଣକାଳୀ ମନ୍ଦିରର ପଚଂମ ବର୍ଷ ପୂଜାକୁ ଦେଖିବା ପାଇଁ ଭକ୍ତଙ୍କ ସମାଗମକୁ ଆଖି ଆଗରେ ରଖି ସ୍ଥାନୀୟ ଲୋକଙ୍କ ଦ୍ୱାରା ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଭକ୍ତିର ସହ ଶାନ୍ତିଶୃଙ୍ଖଳା ରକ୍ଷା କରି ମା'ଙ୍କ ମୃଣୟୀ ମୂର୍ତ୍ତିକୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନେ ଯୋଗଦେବାକୁ ମୁଖ୍ୟ ପୂଜକ ଗିରିଶ ଚନ୍ଦ୍ର ବାନାର୍ଜୀ(ତାରୁ ଭାଇନା) ଅନୁରୋଧ କରିଛନ୍ତି।



## ପାଟଣାଗଡ ସହରରେ ବୁଲୁଛି ବଣୁଆ ହାତୀ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ପାଟଣାଗଡ଼ ସହରରେ ଆଜି ସକାଳେ ଏକ ବଣୁଆ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା । ସକାଳୁ ସକାଳୁ ରାସ୍ତାରେ ହାତୀକୁ ଦେଖି ଲୋକମାନେ ଭୟଭିତ ହୋଇପଡିଥିଲେ । ଅପରାହ୍ନରେ ହାତୀ ହାବୁଡରେ ପଡି ବଳରାମ ହୋତା ନାମକ ଜଣେ ୬୭ ବର୍ଷିୟ ବ୍ୟକ୍ତି ପ୍ରାଣ ହରାଇଛନ୍ତି । ଫଟାମୁଣ୍ଡା ପଂଚାୟତ ପୁଡାପଦର ଗ୍ରାମରେ ନିଜ କପା କିଆରୀରେ କାମ କରୁଥିଲେ ବଳରାମ । ଏହି ସମୟରେ ତାଙ୍କୁ ହାତୀ ଦଳିଚକଟି ଦେବାରୁ ବୃଦ୍ଧ ହୋତାଙ୍କ ଜୀବନ ଯାଇଥିବା ଖବର ହସ୍ତଗତ ହୋଇଛି । ଖବର ପାଇ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଂଚି ହାତୀ ଘଉଡାଇବାକୁ ଉଦ୍ୟମ ଜାରି ରଖିଛି। ଖାଦ୍ୟ ଅନ୍ୱେଷଣରେ ହାତୀଟି ସହରାଭିମୁଖୀ ହୋଇଥିବା ଅନୁମାନ କରାଯାଉଛି । ସୂଚନା ଅନୁସାରେ, ଆଜି ସକାଳୁ ପାଟଣାଗଡ଼ ବଥର୍ଲା ଛକ ବ୍ରହ୍ମପୁରା ଭିତର ଦେଇ ବରପଦର ରାସ୍ତାରେ ଏହି ବଣୁଆ ଦନ୍ତା ହାତୀ ବୁଲୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଥିବା ବେଳେ ସକାଳୁ ମର୍ଣ୍ଣିଂ ୱାକ୍ ରେ ଯାଇଥିବା ଲୋକେ ଦନ୍ତା ହାତୀକୁ ସ୍ପଷ୍ଟ ଭାବେ ଦେଖିଥିବା କହିଛନ୍ତି । ଦନ୍ତାହାତୀର ଲମ୍ବା ଲମ୍ବା ଦାନ୍ତ ଦେଖିଲେ ଯେକେହିବି ଭୟଭୀତ ହୋଇପଡ଼ିବେ ବୋଲି ଲୋକେ କୁହାକୁହି ହେଉଛନ୍ତି ।

## ଜିଲ୍ଲାପାଳଙ୍କ ଦ୍ୱାରା ମିଶନଶକ୍ତି କେଫ ଉଦଘାଟିତ



ଶେରଗଡ଼ (ପି.ଏନ) :ଶେରଗଡ ଧୋବାଶଙ୍ଖ ପାର୍ଶ୍ୱରେ ଥିବା ନିୟନ୍ତ୍ରିତ ବଜାର ଗୃହରେ ମିଶନଶକ୍ତି ପକ୍ଷରୁ ଏକ କେଫଓ ମିଶନଶକ୍ତି ହାଟକୁ ଉଦଘାଟନ କରାଯାଇଛି। ଜିଲ୍ଲାପାଳ ଦିବ୍ୟଜୋତି ପରିଡା, ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭି କିର୍ତ୍ତୀ ହାସନ,ଶେରଗଡ ସମିତି ସଭ୍ୟାସବିତାରାଣୀ ଚୌଧୁରୀ , ବିଡିଓ ଶିବାଶିଷ ବରାଳ ଦୀପ ପ୍ରଜ୍ଜଳନ କରି ଏହି କେଫ ଓ ହାଟକୁ ଉଦଘାଟନ କରିଛନ୍ତି। ଶେରଗଡ ରେ ଏହା ପ୍ରଥମ ହୋଇଥିବା ଯୋଗୁଁ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଉଦଘାଟନ ପରେ ଅଧିକାରୀ ମାନେ ମିଶନଶକ୍ତି କେଫ ଭିତରକୁ ଯାଇ କି କି ସୁବିଧା ମିଳୁଛି ସେ ସଂପର୍କରେ ପଚ଼ାରି ବୁଝିଥିଲେ। ଏବଂ ଏହି କେଫ ଓ ହାଟ ସାଧାରଣ ଲୋକ ଓ ମହିଳାମାନଙ୍କ ସୁବିଧା ରେ ଆସିବ। ଏହା ହେବା ଦ୍ୱାରା ମିଶନଶକ୍ତି ମହିଳାମାନଙ୍କ ଆତ୍ମ ନିର୍ଭର ହେବାର ସୁଯୋଗ ସୃଷ୍ଟି ହୋଇପାରିଛି। ଶେରଗଡ ଅଂଚ଼ଳରେ କେଫ ରେ ସମସ୍ତ ପ୍ରକାର ଅତ୍ୟାଧୂନିକ ଖାଦ୍ୟ ମିଳୁଛି।ଏହି ଉଦଘାଟନ ସମୟରେ ଆସିକା ଏସଡିପିଓ ଉମାଶଙ୍କର ସିଂ, ଥାନାଅଧିକାରୀ ବରେନ୍ଦ୍ର ଶିଆଳ , ଅବନୀ କୁମାର ଦାଶ, ବଳରାମ ପାଢୀ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ମିଶନ ଶକ୍ତି କେଫ ଶୁଭାରମ୍ଭ ପୂର୍ବରୁ ଶେରଗଡ ଉଦୟ ପ୍ରତାପ ଡିଗ୍ରୀ କଲେଜ କୁ ଯାଇ ନିର୍ମାଣ ଧିନ କୋଠରୀ, କୋଠରୀ ଗୁଡିକର ସୌନ୍ଦର୍ଯ୍ୟ କରଣ କାମ ଦେଖିଥିଲେ। ପରେ ଶୋଭା ଚ଼ନ୍ଦ୍ରପୁର ସ୍ଥିତ ମାଁ ତରାତାରିଣି ପୀଠର ନିର୍ମାଣ କାମ ଦେଖି ଖୁସି ବ୍ୟକ୍ତ କରିଥିଲେ। ମନ୍ଦିର କାର୍ଯ୍ୟ ଜୋରସୋରରେ ଚ଼ାଲିଥିବା ବେଳେ ଆସିଥିବା ୪୫ ଲକ୍ଷ ଟଙ୍କା ଅର୍ଥ ନିଅଂଟ ପଡିବ ଏଣୁ ଆଉ ୨୦ ରୁ ୩୦ ଲକ୍ଷ ଟଙ୍କା ଅନୁଦାନ ଦେବାକୁ କମିଟି ଓ ବ୍ଲକ ଅଧକ୍ଷ କୃଷ୍ଣଚ଼ନ୍ଦ୍ର ନାୟକ ଅନୁରୋଧ କରିଥିଲେ। ତୁରନ୍ତ ପ୍ରକଳ୍ପ କାମ ସାରିବା କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଉକ୍ତ ପରିଦର୍ଶନ ସମୟରେ କମିଟି ପକ୍ଷରୁ ବାସୁଦେବ ସ୍ୱାଇଁ, ପର୍ଶୁରାମ ସ୍ୱାଇଁ, ସୂର୍ଯ୍ୟନାରାୟଣଦାଶ, ବ୍ଲକ ନିର୍ବାହୀ ଯଂନ୍ତ୍ରୀ ସିମାଂଚ଼ଳ ଦାଶ, ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣୀ

### ୧୭୧ ଟି ଅଭିଯୋଗ ଶୁଣିଲେ, ୩୮ହଜାର ସହାୟତା, ୮ଜଣଙ୍କୁ ମଧୁବାବୁ ପେନସନ, ୨ ଦିବ୍ୟାଙ୍ଗ ଙ୍କୁ ଟ୍ରାଇ ସାଇକେଲ ବଣ୍ଟନ

ଶେରଗଡ଼, (ପି.ଏନ ) : ଶେରଗଡ ବ୍ଲକ ରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଗଂଜାମ ଜିଲ୍ଲାପାଳ ଦିବ୍ୟଜୋତି ପରିଡା, ଆରକ୍ଷୀ ଅଧିକ୍ଷକ ଜଗମୋହନ ମୀନା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କାର୍ଯ୍ୟ ନିର୍ବାହୀ ଭି କିର୍ତ୍ତୀ ହାସନ ଯୋଗଦେଇ ବ୍ଲକ ର ୧୭୧ ଟି ଅଭିଯୋଗ ଶୁଣିଥିଲେ। ଭଂଜନଗର ଉପଜିଲ୍ଲାପାଳ ଅନୀଲ ସେଠୀ, ଛତ୍ରପୁର ଡେପୁଟି କଲେକ୍ଟର ଦିପ୍ତୀ ମୟୀ ପାତ୍ର, ବିଡିଓ ଶିବାଶିଷ ବରାଳ ଙ୍କ ସଂଜୋଜନାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣୀ ରେ ବ୍ଲକ ର ବିଭିନ୍ନ ଗ୍ରାମର ରାସନ କାର୍ଡ, ଆବାସ ଯୋଜନା, ସ୍ୱାସ୍ଥ୍ୟ ସଂପର୍କିତ ସହାୟତା ସଂପର୍କ ରେ ଦରଖାସ୍ତ କରିଥିଲେ। ସମସ୍ତ ଅଭିଯୋଗ ଗୁଡିକ ଗୋଟି ଗୋଟି କରି ହିତାଧିକାରୀ ଙ୍କୁ ଘଟଣା ସଂପର୍କ ରେ ଜିଲ୍ଲାପାଳ ଶ୍ରୀ ପରିଡା ଦେଖିବା ସହ ଯେଉଁ ବିଭାଗ ର ଅଭିଯୋଗ ଥିଲା ସେହି ବିଭାଗକୁ ପ୍ରେରଣ କରିଛନ୍ତି। ସାମୁହିକ



ସମାସ୍ୟା ମଧରେ ନରେନ୍ଦ୍ର ପୁର ଗ୍ରାମର ଗୁଡିଆନାଳ ପୁନରୁଦ୍ଧାର ନେଇ ଜିଲ୍ଲା ପରିଷଦ ଙ୍କ ସ୍ୱାମୀ ବରୁଣ ପଲେଇ ଦରଖାସ୍ତ ପ୍ରଦାନ କରିଥିଲେ। ରାସନ କାର୍ଡ ହିତାଧିକାରୀ ଖାଲି ସ୍ୱାସ୍ଥ୍ୟ ବୀମା ପାଉଥିବା ବେଳେ ଯାହାର ମଧ୍ୟ ବିତ ପରିବାର ରାସନ କାର୍ଡ ନାହିଁ ସେମାନେ ସରକାରଙ୍କ ମାଗଣା ସ୍ୱାସ୍ଥ୍ୟ ସେବାରୁ ବଂଚ଼ିତ ହେଉଛନ୍ତି। ଏଣୁ ସମସ୍ତ ପରିବାରକୁ ମାଗଣା ସ୍ୱାସ୍ଥ୍ୟ ସେବା ଓ ବୀମା ଯୋଗଇବା ନେଇ ଏକ ଅଭିଯୋଗ ପତ୍ର ଜିଲ୍ଲା ପରିଷଦ ସଭ୍ୟ ଙ୍କ ସ୍ୱାମୀ ସମୀର ପ୍ରଧାନ ଅଭିଯୋଗ କରିଥିଲେ। କମଳାଦେଇପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯାଇଛି ତାକୁ ପୁଣି ଖୋଲିବା ନେଇ ଗ୍ରାମବାସୀ ମାନେ ଏକ ଅଭିଯୋଗ କରିଥିଲେ। କୁମାର ପଣି ପଂଚ଼ାୟତ ର କାର୍ଯ୍ୟ ଚ଼ାଲୁ ରଖିବା ଓ ପଂଚ଼ାୟତ ର ଉନ୍ନୟନ କାମ ତ୍ୱରାନ୍ୱିତ କରିବାକୁ ଗ୍ରାମବାସୀ ମାନେ ଅଭିଯୋଗ କରିଥିଲେ। ପରିଶେଷରେ ଶେରଗଡ ର ଶୁଭମ ବେହେରା କୁ ୨୫ହଜାର, ନିରଂଜନ ଗୌଡ ଙ୍କୁ ୫ହଜାର, କରଡାକଣାର ପ୍ରଶାନ୍ତ କୁମାର ପାଣିଗ୍ରାହୀ ଙ୍କୁ ୩ହଜାର, ନରସିଂହ ରାଓଙ୍କୁ ୫ହଜାର ସହାୟତା ଚେକ ଆକାରରେ ଜିଲ୍ଲାପାଳ ପ୍ରଦାନ କରିଥିଲେ। ୭ଜଣ ଙ୍କୁ ମଧୁବାବୁ ପେନସନ ଓ ୨ ଜଣ ଦିବ୍ୟାଙ୍ଗ ଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣୀ ସମୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅବିଦା ପରବିନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ, ଜିଲ୍ଲା ଯୋଗାଣ ଅଧିକାରୀ ପୁଷ୍ପ ମୁଣ୍ଡା, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଶିତାଶୁଂ ଶେଖର ଶତପଥୀ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ହରଭଙ୍ଗା ଜଳସେଚ଼ନ ନିର୍ବାହୀ ଯଂନ୍ତ୍ରୀ ଅନିଲ ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ, ସହକାରୀ ଯଂନ୍ତ୍ରୀ ପୂର୍ତ୍ତ ବିଭାଗ ବନୋଜ କାନ୍ତ ସେଠୀ, ସହକାରୀ ଯଂନ୍ତ୍ରୀ ନାଳ ନର୍ଦ୍ଦମା ବେଣୁଗୋପାଳ ବେହେରା, ତହସିଲଦାର ତ୍ରିଦେବ ରଥ, ବ୍ଲକ ଅଧକ୍ଷ କୃଷ୍ଣଚ଼ନ୍ଦ୍ର ନାୟକ ସରପଂଚ଼ ସମିତି ସଭ୍ୟ ମାନେ ଉପସ୍ଥିତ ଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray